## ନାଳରୁ ବୃଦ୍ଧଙ୍କ ମୃତଦେହ ଜବତ

ଚିତ୍ରକୋଣ୍ଡା,(ଡି.ଏନ୍.ଏ.): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଅଧୀନ ପାପରମେଟଲା ପଞ୍ଚାୟତର ରୁମା ଗ୍ରାମ ନାଳରୁ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଗାଁର ସନିଆ ଖରାଙ୍କ ପୁଅ ହରି(୪୫)। ମଙ୍ଗଳବାର ହରି ଗାଁ ନିକଟ ମୋସନବନ୍ଧା ନାଳକୁ ମାଛ ଧରିବାକୁ ଯାଇ ଫେରି ନ ଥିଲେ। ପରିବାର ଓ ଗାଁ ଲୋକେ ଖୋଜାଖୋଜି କରି ବିଫଳ ହେବାପରେ ନିଖୋଜ ନେଇ ବଡ଼ପଡ଼ା ଥାନାରେ ଏତଲା ଦିଆଯାଇଥିଲା। ବୁଧବାର ବଡ଼ପଡ଼ା ଥାନାଧିକାରୀ ଚନ୍ଦ୍ରକାନ୍ତି ତାଣ୍ଡି ଓ ଗାଁ ଲୋକେ ମୋସନବନ୍ଧା ନାଳରୁ ହରିଙ୍କ ମୃତଦେହ ଜବତ କରିଥିଲେ। ଏ ନେଇ ବଡ଼ପଡା ଥାନାରେ ୯/୨୧ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ କହିଛନ୍ତି।

# ପ୍ରତିଶ୍ରୁତିରେ ବଂଶଧାରା ଉପରମୁଣ୍ଡ ପ୍ରକଳ୍ପ

**ଗୁଣପୁର,୨୯।୯(ଡି.ଏନ୍.ଏ.)**

ବଂଶଧାରା ନଦୀ ତଳମୁଣ୍ଡ ନେରେଡ଼ିଠାରେ ବ୍ୟାରେଜ ନିର୍ମାଣ ନିମନ୍ତେ ବଂଶଧାରା ଟ୍ରିବ୍ୟୁନାଲ ଜୁନ୍ ୨୧ରେ ଆନ୍ଧ୍ରକୁ ସବୁଜ ସଙ୍କେତ ଦେଇଥିଲା। ଏହାପରେ ରାୟଗଡ଼ା ଜିଲାର ଗୁଣପୁର ଏବଂ ଗଜପତି ଜିଲାର ୫ ବ୍ଲକର ଅବବାହିକା ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଓଡ଼ିଶା ସରକାର ନଦୀ ଉପରମୁଣ୍ଡରେ ଜଳସେଚନ ପ୍ରକଳ୍ପ ନିର୍ମାଣ କରି ଆନ୍ଧ୍ରକୁ କଡ଼ା ଜବାବ ଦେବା ପାଇଁ ଅବବାହିକା ଅଞ୍ଚଳବାସୀ ଦାବି କରିଥିଲେ। ନେରେଡ଼ି ପ୍ରକଳ୍ପକୁ ବିରୋଧ କରାଯିବା ସହ ଉପରମୁଣ୍ଡରେ ଓଡ଼ିଶା ପକ୍ଷରୁ ପ୍ରକଳ୍ପ ନିର୍ମାଣ ଦାବି ନେଇ ବଂଶଧାରା ଅବବାହିକା ସୁରକ୍ଷା ସମିତି ପକ୍ଷରୁ ଅଗଷ୍ଟ ୧ରୁ ୩୧ ପର୍ଯ୍ୟନ୍ତ ଆନ୍ଦୋଳନ, ପଦଯାତ୍ରା, ଶୋଭାଯାତ୍ରା କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଅଞ୍ଚଳର ବିଭିନ୍ନ ସଙ୍ଗଠନ ସାମିଲ ହୋଇ ସମର୍ଥନ କରିଥିଲେ। ଅଗଷ୍ଟ ୩୧ରେ ସାମାଜିକ କର୍ମୀ ତଥା ପଦ୍ମଶ୍ରୀ ଶାନ୍ତିଦେବୀଙ୍କ ନେତୃତ୍ୱରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତୀକାତ୍ମକ ଧାରଣାରେ ବସିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ସେପ୍ଟେମ୍ବର ୨ରେ ଅବବାହିକା ସୁରକ୍ଷା ସମିତି ପକ୍ଷରୁ ୫ ଜଣିଆ ପ୍ରତିନିଧି ଦଳ ଭୁବନେଶ୍ୱର ଯାଇଥିଲେ। ଶୀଘ୍ର ବଂଶଧାରା ଉପରମୁଣ୍ଡରେ ଏକାଧିକ ଛୋଟ ପ୍ରକଳ୍ପ ପାଇଁ ସର୍ଭେ କାର୍ଯ୍ୟ ହେବ ବୋଲି ଆୟୋଜିତ ବୈଠକରେ ସରକାରଙ୍କ ପ୍ରତିନିଧି ଦଳ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ହୋଇପାରିନାହିଁ।


ଭୁବନେଶ୍ୱରଠାରେ ସେପ୍ଟେମ୍ବର ୨ରେ ସରକାରୀ ପ୍ରତିନିଧି ଦଳଙ୍କ ସହ ହୋଇଥିବା ଆଲୋଚନା।

**ଆରମ୍ଭ ହୋଇନି ସର୍ଭେ**
- ୧୫ ଦିନରେ ସର୍ଭେ, ୨ ମାସରେ ଡିପିଆର୍ ସାରିବାକୁ ମିଳିଥିଲା ପ୍ରତିଶ୍ରୁତି

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର କୁମାର ଦାସ, ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଧାୟକ ଅତନୁ ସବ୍ୟସାଚୀ ନାୟକ , ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର୍. ଭିନିଲ କ୍ରିଷ୍ଣା ଓ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଧୀରେନ ସାମଲଙ୍କ ସହ ବଂଶଧାରା ଅବବାହିକା ସୁରକ୍ଷା ସମିତିର ପ୍ରତିନିଧି ଦଳ ଆଲୋଚନା କରିଥିଲେ। ବଂଶଧାରା ତଳମୁଣ୍ଡରେ ଆନ୍ଧ୍ରକୁ ପ୍ରକଳ୍ପ କରିବାକୁ ଅନୁମତି ମିଳିବା ପରେ ଉପରମୁଣ୍ଡରେ ଥିବା ଓଡ଼ିଶାବାସୀ କି ପ୍ରକାର ସମସ୍ୟା ଭୋଗିବେ, ଆନ୍ଧ୍ର ଗୋଟା ବ୍ୟାରେଜ ନିର୍ମାଣ କରିବା ପରେ ୧୯୮୦ରେ ହୋଇଥିବା ପ୍ରଳୟଙ୍କାରୀ ବନ୍ୟା ବିଷୟରେ ସୁରକ୍ଷା ସମିତି ପ୍ରତିନିଧି ଦଳ ସରକାରଙ୍କ ପ୍ରତିନିଧି ଦଳକୁ ଜଣାଇଥିଲେ। ଉପରମୁଣ୍ଡରେ ଜଳପ୍ରକଳ୍ପ ନିର୍ମାଣ ଦ୍ୱାରା ବନ୍ୟା ନିୟନ୍ତ୍ରଣ ସହ ଜଳସେଚନର ସୁବିଧା ହୋଇପାରିବ ବୋଲି କୁହାଯାଇଥିଲା। ପ୍ରତିନିଧି ଦଳର ସମସ୍ତ କଥା ଶୁଣିବା ପରେ ଏକାଧିକ ଛୋଟ ବ୍ୟାରେଜ ଓ ମେଗା ଲିଫ୍ଟ ପଏଣ୍ଟ କରାଯିବ ବୋଲି କୁହାଯାଇଥିଲା। ଟ୍ରିବ୍ୟୁନାଲର ରାୟ ଅନୁଯାୟୀ ଓଡ଼ିଶା ୫୦ ଭାଗ ଜଳକୁ ବ୍ୟବହାର କରିବା ଭଳି ୧୫ ଦିନ ମଧ୍ୟରେ ସର୍ଭେ ଏବଂ ଦୁଇ ମାସରେ ଡିପିଆର୍ ସାରି କାର୍ଯ୍ୟାରମ୍ଭ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିଲା। ଭୁବନେଶ୍ୱରରୁ ଜଳ ସମ୍ପଦ ବିଭଗ ଯନ୍ତ୍ରୀଙ୍କ ଦ୍ୱାରା ସର୍ଭେ କାମ ହେବାର ଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ତାହା ହୋଇନାହିଁ। ସର୍ଭେ କାମ ନେଇ ବଂଶଧାରା ଅବବାହିକା ସୁରକ୍ଷା ସମିତିର ଆବାହକ ରଞ୍ଜିତ ପାଢ଼ୀଙ୍କୁ ପଚାରିବାରୁ ସେ କହିଛନ୍ତି, ରାଜ୍ୟ ଜଳ ସମ୍ପଦ ବିଭାଗ ଯନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିଲା। ବନ୍ୟା, ବାତ୍ୟା ପରିସ୍ଥିତି ଯୋଗୁ ସମୟ ହୋଇପାରୁନାହିଁ। ଶୀଘ୍ର ସର୍ଭେ କାମ ହେବ ବୋଲି ଯନ୍ତ୍ରୀ କହିଥିବା ପାଢ଼ୀ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ୨୦୦୫ରେ ବଂଶଧାରା ଉପରମୁଣ୍ଡ ଗୁଡ଼ାରି ନିକଟରେ ବଂଶଧାରା ଓ ଋଷିକୁଲ୍ୟା ନଦୀ ସଂଯୋଗୀକରଣ ନିମନ୍ତେ ଏକ ପ୍ରକଳ୍ପକୁ ତତ୍କାଳୀନ ମନ୍ତ୍ରୀ ରବିନାରାୟଣ ନନ୍ଦ ଶୁଭ ଦେଇଥିଲେ। ଉକ୍ତ ପ୍ରକଳ୍ପକୁ କାର୍ଯ୍ୟକାରୀ କରି ଆନ୍ଧ୍ରକୁ ଉଚିତ ଜବାବ ଦିଆଯିବ ବୋଲି କୁହାଯାଇଥିଲା। ସେ ସମୟରେ ସଚିବ ପ୍ରଦୀପ ଜେନା, ସୁରେଶ ମହାପାତ୍ର ବଂଶଧାରା ଅବବାହିକା ଅଞ୍ଚଳ ଗସ୍ତ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ଉକ୍ତ ପ୍ରକଳ୍ପ ମଧ୍ୟ ହୋଇପାରିନାହିଁ।


ଗର୍ଭବତୀଙ୍କୁ ବୋହି ନିଆଯାଉଛି।

## ଖଟିଆରେ ୧୦ କି.ମି. ବୁହାହେଲେ ଗର୍ଭବତୀ

**ମାଲକାନଗିରି,୨୯।୯ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ପୁଣି ଗର୍ଭବତୀଙ୍କୁ ଖଟିଆରେ ବୋହିନେବାକୁ ପଡ଼ିଛି। ରାସ୍ତା ଖରାପ ଯୋଗୁ ଏଭଳି ଦୃଶ୍ୟ ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ, ସୀମାନ୍ତ ଆନ୍ଧ୍ରର ଖଜୁରିଗୁଡ଼ାରେ ମେଡିକାଲ ସୁବିଧା ନ ଥିବାରୁ ଗାଁର ଗର୍ଭବତୀ କୋଟେ ପାଙ୍ଗୀଙ୍କୁ ସ୍ୱାଭିମାନ ଅଞ୍ଚଳର ଜାନବାଇ ଡାକ୍ତରଖାନାକୁ ନିଆଯାଉଥିଲା। ରାସ୍ତା ଖରାପ ଯୋଗୁ କୁନିଗୁଡ଼ା ପର୍ଯ୍ୟନ୍ତ ତାଙ୍କୁ ଖଟିଆରେ ବୋହି ଆଣିବା ପରେ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। ତେବେ ଆମ୍ବୁଲାନ୍ସଟି କୁନିଗୁଡ଼ାକୁ ମଧ୍ୟ ଆସିବା ସମ୍ଭବ ହୋଇ ନ ଥିଲା। ଫଳରେ ରୁମା ଗ୍ରାମରେ ଅଟକିଯାଇଥିଲା। ଗ୍ରାମବାସୀ ଏବଂ ପରିବାର ଲୋକେ କୋଟେଙ୍କୁ ୧୦ କି.ମି. ବୋହି ନେବାପରେ ରୁମା ଗ୍ରାମଠାରୁ ଆମ୍ବୁଲାନ୍ସରେ ଜାନବାଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ସେ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଉଭୟ ମା' ଏବଂ ଶିଶୁ ସୁସ୍ଥ ଥିବା ଜଣାପଡ଼ିଛି। ଗର୍ଭବତୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାରେ କୁନିଗୁଡ଼ା ଗ୍ରାମର ତ୍ରିପତି ଖିଲ ଏବଂ ଅନ୍ୟ ଗ୍ରାମବାସୀ ସହଯୋଗ କରିଥିଲେ।

**ସଂକ୍ଷେପରେ**



## କୋଚିଙ୍ଗ ଶିବିରରେ କୋରାପୁଟର ୨ ଯୁବକ

**କୋରାପୁଟ,୨୯।୯(ସ୍ୱ.ପ୍ର.):** କୁରାସ ଆସୋସିଏସନ ଅଫ ଇଣ୍ଡିଆ ଦ୍ୱାରା ମଧ୍ୟପ୍ରଦେଶର ଭୋପାଳଠାରେ ପ୍ରଥମ କରି ଆୟୋଜିତ କୋଚିଙ୍ଗ ଶିବିରରେ କୋରାପୁଟର ୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ଜଣାଯାଇଛି। ଭୋପାଳଠାରେ ଚଳିତ ମାସ ୨୪ରୁ ୨୭ ତାରିଖ ଯାଏ ଅନୁଷ୍ଠିତ ଶିବିରରେ କୁରାସର କୋଚିଙ୍ଗ କୋର୍ସ ଏବଂ ବେଲଟ ଗ୍ରେଡିଙ୍ଗ ପରୀକ୍ଷାରେ କୋରାପୁଟ ସହରର ସାନସାଇ ଏକାଦଶୀ ବେହେରା ଓ ସାନସାଇ ଦିଲ୍ଲୀପ କୁମାର ଚେଙ୍ଗି ଯୋଗଦେଇଥିବା ଜଣାଯାଇଛି। ରାଜ୍ୟ କୁରାସ ଆସୋସିଏସନ ପକ୍ଷରୁ ଦୁଇ ଜଣ ଏଥିରେ ସାମିଲ ହୋଇ ସଫଳତା ହାସଲ କରିଥିବା ଜଣାଯାଇଛି।

## ବରିଷ୍ଠତା, କାଉନ୍‌ସେଲିଂ ଭିତ୍ତିରେ ଶିକ୍ଷକଙ୍କ ପଦୋନ୍ନତି ଦାବି

**ରାୟଗଡ଼ା ଅଫିସ,୨୯।୯:** ବିଭିନ୍ନ ବର୍ଗର ଶିକ୍ଷକଙ୍କ ପଦୋନ୍ନତି କ୍ଷେତ୍ରରେ ନିର୍ବିବାଦ ଓ ସ୍ୱଚ୍ଛତା ପାଇଁ ସୋମବାର ରାୟଗଡ଼ା ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଡିଇଓ ପୂର୍ଣ୍ଣଚନ୍ଦ୍ର ବାରିହାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚାକିରି, ବରିଷ୍ଠତା ଭିତ୍ତିରେ ପଦୋନ୍ନତି, କାଉନସେଲିଂ କରିବା, ପଦୋନ୍ନତି ପାଇଥିବା ପଞ୍ଚମ(ଖ) ଓ ଚତୁର୍ଥ ବର୍ଗ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବର୍ତ୍ତମାନ କାର୍ଯ୍ୟରତ ବିଦ୍ୟାଳୟରେ ପଦୋନ୍ନତି ଦେବା ଓ ଆବଶ୍ୟକ ସ୍ଥିତିରେ ସଂପୃକ୍ତ ବ୍ଲକ କିମ୍ବା ପଞ୍ଚାୟତରେ ପଦୋନ୍ନତି ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଓଡ଼ିଶା ପ୍ରାଥମିକ ଶିକ୍ଷ୍ୟା ଅଧିନିୟମ ୨୦୧୯ ଅନୁଯାୟୀ ଜିଲାରେ ଶିକ୍ଷକ ପଦବୀ ମାନ ସୃଷ୍ଟି କରାଯାଇଛି। ପଞ୍ଚମ(କ) ବର୍ଗର ୯୫୪, ପଞ୍ଚମ (ଖ) ବର୍ଗରେ ୧୧୭୫, ଚତୁର୍ଥ ବର୍ଗ ପ୍ରାଥମିକ ପ୍ରଧାନ ଶିକ୍ଷକ ବର୍ଗରେ ୨୯୭, ୪ର୍ଥ ସ୍ନାତକ(ବିଜ୍ଞାନ)ରେ ଓ କଳାରେ ୫୫୪ ଲେଖାଏ, ୩ୟ ବର୍ଗ ଉଚ୍ଚ ପ୍ରାଥମିକ ପ୍ରଧାନ ଶିକ୍ଷକ ୫୩୨ଟି ଏବଂ ବରିଷ୍ଠ ପ୍ରାଥମିକ ପ୍ରଧାନ ଶିକ୍ଷକ ୧୪ ଟି ଅନୁମୋଦିତ ପଦବୀ ରହିଛି। ସେଥିମଧ୍ୟରୁ ବିଜ୍ଞାନ ବର୍ଗରେ ୩୯ ଏବଂ କଳା ବର୍ଗରେ ୪୭୪ ଜଣ ପଦୋନ୍ନତି ନିମନ୍ତେ ଥିବାବେଳେ ସମସ୍ତ ୫୫୪ ଲେଖାଏ ପଦବୀ ଖାଲି ପଡ଼ିଛି। ବିଜ୍ଞାନ ସ୍ନାତକ ପଦବୀ ୫୧୫ ଟି ଖାଲି ପଡୁଥିବାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ଭବିଷ୍ୟତ ପ୍ରଶାସନ ଅନ୍ଧାରକୁ ଠେଲି ଦେଉଛନ୍ତି ବୋଲି ଶିକ୍ଷକମାନେ କହିଛନ୍ତି। ପଦୋନ୍ନତି ପାଇବାକୁ ଥିବା ଶିକ୍ଷକ ହିଁ ଗଣିତ ଓ ବିଜ୍ଞାନ ଶିକ୍ଷାଦାନ କାର୍ଯ୍ୟ ତୁଲାଉଥିବାରୁ ସେମାନଙ୍କୁ ସେହି ବିଦ୍ୟାଳୟରେ ୪ର୍ଥ ବର୍ଗ ବିଜ୍ଞାନର ଖାଲି ପଡ଼ିଥିବା ପଦବୀରେ ନିୟୋଜିତ ନିମନ୍ତେ ଦାବି କରିଛନ୍ତି। ସେହିପରି ଜିଲାରେ ୫୦୦ରୁ ଊର୍ଦ୍ଧ୍ୱ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଦବୀ ଖାଲିପଡ଼ିଛି। ଶୀଘ୍ର ଏହି ପଦବୀ ମଧ ପୂରଣ ନିମନ୍ତେ ସଂଘ ଦାବି କରିଛି। ସେପ୍ଟେମ୍ବର ୧୯ରେ ଜିଲା ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକରେ ସମସ୍ତ ବ୍ଲକରେ ସଂଘ କର୍ମକର୍ତ୍ତା ଉପସ୍ଥିତ ରହି ଦେଇଥିବା ପ୍ରସ୍ତାବ ଗୁଡ଼ିକୁ ଭିତ୍ତିକରି ଜିଲା ସଂଘ ପକ୍ଷରୁ ଏହି ଦାବିଗୁଡ଼ିକ ଉପସ୍ଥାପନା କରାଯାଇଥିବା ସାଧାରଣ ସମ୍ପାଦକ ନୀଳାଞ୍ଚଳ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନବେଳେ ସଂଘର ଜିଲା ସଭାପତି ଅଜିତ ଚୌଧୁରୀ, ସମ୍ପାଦକ ନୀଳାଞ୍ଚଳ ମିଶ୍ର, ଉପଦେଷ୍ଟା ଦାଶରଥି ରାଜୁଗୁରୁଙ୍କ ସମେତ ତ୍ରିପତି ପଣ୍ଡା, ନୀଳାଞ୍ଚଳ ପଣ୍ଡା, ନରେଶ ସିଂ, ସୁଶାନ୍ତ ସ୍ୱାଇଁ, ଗଙ୍ଗାରଜୁ ବ୍ରହ୍ମା, ସୋମନାଥ ଗରାଦା, ମହେନ୍ଦ୍ର ବାଗ, ସାନନ୍ଦ ବେନିଆ, ସରୋଜ ପତ୍ରୀ, ପ୍ରମୋଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ନବରଙ୍ଗପୁର,୨୯।୯(ବି.ପ୍ର.):** ଏକ ହତ୍ୟା ଘଟଣାରେ ଅଭିଯୁକ୍ତ ବଳଦେବ ହରିଜନକୁ ଜିଲା ଦୌରାଜଜ୍ ଅଶୋକ କୁମାର ପଣ୍ଡା ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୧ ଜଣ ସାକ୍ଷିଙ୍କ ବୟାନ ଓ ପ୍ରମାଣ ଅଭାବରୁ ଜିଲା ଦୌରାଜଜ୍ ବଳଦେବଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଓକିଲ ମୃତ୍ୟୁଞ୍ଜୟ ମହାରଣା ଅଭିଯୁକ୍ତଙ୍କ ପକ୍ଷରୁ ମାମଲା ଲଢୁଥିଲେ। ୨୦୧୮ ନଭେମ୍ବର ୩ରେ ପାପଡାହାଣ୍ଡି ଥାନା ଅଧୀନ କଣ୍ଟାମାଲ ଗାଁର ବଳଦେବ ହରିଜନ ତାଙ୍କ ବାପା ସନସାଏ ହରିଜନଙ୍କ ମୁଣ୍ଡରେ ପଥରେ ଛେଚି ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୋଗ ଫର୍ଦ୍ଦ କୋର୍ଟକୁ ଦାଖଲ କରିଥିଲା। କେସ୍ ନମ୍ବର ୧୪/୨୦୧୯ରେ ଘଟଣାଟି ବିଚାରାଧିନ ଥିଲା।

# ଇନ୍‌ଡୋର ଷ୍ଟାଡିୟମ ପାଇଁ ଉଚ୍ଛେଦକୁ ବିରୋଧ

**କୋରୁକୋଣ୍ଡା,୨୯।୯(ଡି.ଏନ୍.ଏ.)**

ମାଲକାନଗିରି ଜିଲା ବାଲିମେଳା ଏନ୍‌ଏସିର ୨ନଂ ୱାର୍ଡସ୍ଥିତ ଗଦବାଗୁଡ଼ା ଅଞ୍ଚଳରେ ସରକାରୀ ପ୍ରକଳ୍ପ(ଇନ୍‌ଡୋର ଷ୍ଟାଡିୟମ)ନିମନ୍ତେ ଉଚ୍ଛେଦ ହେବ ବୋଲି ପୂର୍ବରୁ ସୂଚନା ଦିଆଯାଇଥିଲା। ବୁଧବାର ଉକ୍ତ ଅଞ୍ଚଳରୁ ଘର ଉଚ୍ଛେଦ ନିମନ୍ତେ ପ୍ରଶାସନିକ ଟିମ୍ ପହଞ୍ଚିଥିଲେ। ଚିତ୍ରକୋଣ୍ଡା ତହସିଲଦାର ପଦ୍ମନାଭ ଦୋରା ଏବଂ କୁଡୁମୁଲୁଗୁମ୍ମା ତହସିଲଦାର ବିଜୟ କୁମାର ମାଣ୍ଡାଙ୍ଗୀ ପୋଲିସ ଟିମ୍ ସହ ଅଞ୍ଚଳରେ ପ୍ରବେଶ କରିବା ସମୟରେ ଗଦବାଗୁଡ଼ା ଅଞ୍ଚଳର ମହିଳାମାନେ ଘର ନ ଭଙ୍ଗିବା ପାଇଁ ଦାବି କରି ଧାରଣାରେ ବସିଥିଲେ। ଦୀର୍ଘ ସମୟ ଧରି ଅଧିକାରୀମାନଙ୍କୁ ଅଞ୍ଚଳ ମଧ୍ୟକୁ ପ୍ରବେଶ କରିବାକୁ ଦେଇ ନ ଥିଲେ। ପରେ ପ୍ରଶାସନର ଅନୁରୋଧ କ୍ରମେ ଗୋଟିଏ ଗାଡ଼ିରେ ୨ ତହସିଲଦାରଙ୍କୁ ଭିତରକୁ ପ୍ରବେଶ କରିବାକୁ ଅଞ୍ଚଳବାସୀ ଅନୁମତି ଦେଇଥିଲେ। ସ୍ଥାନୀୟ ଥାନାଧିକାରୀ ଜହ୍ନ କୁଜୁର, ୨ ତହସିଲଦାର, ସ୍ଥାନୀୟ ଅଞ୍ଚଳର ନେତା ଏବଂ ନାଗରିକ କମିଟିର ସଦସ୍ୟମାନେ ଉପସ୍ଥିତ ରହି କିପରି ଘର ଭଙ୍ଗା ନ ଯାଇ ଅନୁମୋଦିତ ହୋଇଥିବା ଇନ୍‌ଡୋର ଷ୍ଟାଡିୟମ ପ୍ରକଳ୍ପ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ନକ୍ସା ମାଧ୍ୟମରେ ଅଞ୍ଚଳବାସୀଙ୍କୁ ପ୍ରଶାସନ ପକ୍ଷରୁ ବୁଝାଯାଇଥିଲା। ତେବେ ଏହି ଅଞ୍ଚଳରେ ପ୍ରକଳ୍ପ ନିମନ୍ତେ ୨ ଏକର ଜମି ଆବଶ୍ୟକ ରହିଥିବାବେଳେ ୨ ବ୍ୟକ୍ତିଙ୍କ ଘର ବାଧ୍ୟତାମୂଳକ ଭାବେ ଭାଙ୍ଗିବାକୁ ପଡ଼ିବ ବୋଲି ଅଞ୍ଚଳବାସୀଙ୍କୁ ବୁଝାଯାଇଥିଲା। ବହୁ ତର୍କ ବିତର୍କ ପରେ ଘର ନ ଭଙ୍ଗାଯାଇ ଆହୁରି ୧ ମାସ ଅଞ୍ଚଳବାସୀଙ୍କୁ ସମୟ ଦିଆଯାଇଥିବା ସୂଚନା ମିଳିଛି। ତେବେ କୌଣସି ପ୍ରକାରେ ଉଚ୍ଛେଦ କରାଇ ଦିଆଯିବ ନାହିଁ ବୋଲି ନାଗରିକ କମିଟି ପ୍ରତିଶ୍ରୁତି ଦେଇଥିଲା। ଏହି ସମୟରେ ନାଗରିକ କମିଟି ମୁଖ୍ୟ ଲକ୍ଷ୍ମୀ ପଟ୍ଟନାୟକ, ଜିଲା ବିଜେଡି ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ବିଜେଡି ନଗର ସଭାପତି ମଙ୍ଗଳା ପାଙ୍ଗି, ପୂର୍ବତନ କାଉନସିଲର ଗୌର ଖିଲ, ପୂର୍ବତନ ଏମ୍‌ପିଙ୍କ ପ୍ରତିନିଧି କୁନି ମହାନ୍ତିଙ୍କ ସମେତ ନାଗରିକ କମିଟିର ଅନ୍ୟ ସଦସ୍ୟ ଏବଂ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।


ପ୍ରଶାସନିକ ଅଧିକାରୀମାନେ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଛନ୍ତି।

- ଅଧିକାରୀଙ୍କୁ ପ୍ରବେଶ କରାଇଦେଲେନି
- ମାସେ ବଢ଼ିଲା ଅବଧି

## ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

**ମାଲକାନଗିରି,୨୯।୯(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ତଣ୍ଡାପାଲି ଗ୍ରାମ ନିକଟ ପୋଖରୀରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ତେବେ ଯୁବକଙ୍କ ପରିଚୟ ମିଳି ନ ଥିବାବେଳେ ତାଙ୍କୁ ହତ୍ୟା କରାଯାଇଛି କିମ୍ବା ଅନ୍ୟ କୌଣସି କାରଣରୁ ମୃତ୍ୟୁ ଘଟିଛି ତାହା ଅସ୍ପଷ୍ଟ ରହିଛି। ସୂଚନା ଅନୁଯାୟୀ, ପୋଖରୀରେ ମୃତଦେହ ଭାସୁଥିବା ସକାଳେ କେତେଜଣ ଗ୍ରାମବାସୀ ଜମିକୁ ଯିବାବେଳେ ଦେଖିଥିଲେ। ଖବର ପାଇ ମାଲକାନଗିରି ଥାନା ପୋଲିସ ଟିମ୍ ଓ ଦମକଳ ବାହିନୀ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ତେବେ ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ ପ୍ରକାଶ କରିଛି।

## କୋରାପୁଟ ଜିଲାରୁ ୪ ପଜିଟିଭ ଚିହ୍ନଟ

**କୋରାପୁଟ,୨୯।୯(ସ୍ୱ.ପ୍ର.)**

କୋରାପୁଟ ଜିଲାରେ ପୁଣି ୪ ଜଣ କୋରନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୨ ଜଣ ପୁରୁଷ ଓ ୨ ଜଣ ମହିଳା ରହିଥିବା ଜଣାଯାଇଛି। ପଜିଟିଭଙ୍କ ମଧ୍ୟରେ କୋରାପୁଟ ମୁନିସପାଲଟି ଅଞ୍ଚଳରୁ ୨, ବ୍ଲକରୁ ୧ ଓ ସୁନାବେଡା ମୁନିସପାଲଟି ଅଞ୍ଚଳରୁ ୧ ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ଜିଲାରେ ୧୦ଟି ଆକ୍ଟିଭ କେସ ଥିବା ପ୍ରଶାସନ ପକ୍ଷରୁ ଜଣାଯାଇଛି। ଜିଲାର ୧୦ ଲକ୍ଷ ୩୩ ହଜାର ୪୨୭ ଜଣଙ୍କୁ କୋଭିଡ୍ ଟିକା ପ୍ରଦାନ କରାଯାଇଥିବା ପ୍ରଶାସନ ପକ୍ଷରୁ ଜଣାଯାଇଛି।

## ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ମୁନିଗୁଡ଼ା ଗସ୍ତ

**ଅଞ୍ଚଳବାସୀଙ୍କ ଠାରୁ ସମସ୍ୟା ବୁଝିଲେ**


ମନ୍ତ୍ରୀ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

**ମୁନିଗୁଡ଼ା୨୯।୯(ଡି.ଏନ୍.ଏ.)**

ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ବୁଧବାର ରାୟଗଡ଼ା ଜିଲା ବିଷମକଟକ ନିର୍ବାଚନ ମଣ୍ଡଳୀ ତଥା ମୁନିଗୁଡ଼ା ବ୍ଲକ ଆଗୁଲ ପଞ୍ଚାୟତର କନ୍ଧମାଦାଖାଲ, ମେରିଙ୍ଗି ଓ ଯୁଗାପଦର ଗ୍ରାମ ଏବଂ କୁମଡ଼ାବାଲି ପଞ୍ଚାୟତର କମଳାବାଡ଼ ଓ ମୁନିଖୋଲ ଗ୍ରାମ ଗସ୍ତକରି ସ୍ଥାନୀୟ ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ଏଥିସହ ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା ଗୁଡ଼ିକ ଠିକ୍‌ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ, ବିଜୁ ପକ୍କାଘର ଉପଯୁକ୍ତ ହିତାଧିକାରୀଙ୍କୁ ମିଳୁଛି କି ନାହିଁ ସେ ନେଇ ଲୋକଙ୍କ ସହ ଆଲୋଚନା କରିଥିଲେ। ଆଗକୁ ବିଏସ୍‌କେୱାଇରେ ସ୍ମାର୍ଟ ହେଲ୍‌ଥ କାର୍ଡ କିପରି ପାଇବେ ଏବଂ ଏହାର ଲାଭ କଣ ସେ ବିଷୟରେ ବୁଝାଇଥିଲେ। ମନ୍ତ୍ରୀଙ୍କ ଗସ୍ତବେଳେ ମୁନିଗୁଡ଼ା ବ୍ଲକ ବିଜେଡି ସଭାପତି ରତନଲାଲ ଜୈନ, ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଭାକର ନାଲାଙ୍କ ସମେତ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ରୋଟାରୀ କ୍ଲବ ପକ୍ଷରୁ ମଧୁମେହ ଚିକିତ୍ସା ଶିବିର

**ଜୟପୁର ୨୯।୯(ନି.ପ୍ର.)**

ରୋଟାରୀ ଜୟପୁର ପ୍ରାଇଡ ତରଫରୁ ମାଗଣା ମଧୁମେହ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଗାନ୍ଧୀ ଛକ ବସ୍‌ଷ୍ଟାଣ୍ଡରେ ଏହି ଶିବିର କରାଯାଇଛି। ରୋଟାରୀ କ୍ଲବ ଜୟପୁର ପ୍ରାଇଡର ସଭାପତି ପ୍ରକାଶ ନାୟକ, ଆସିଷ୍ଟାଣ୍ଟ ଗଭର୍ନର ଅଶୋକ ମିଶ୍ର, ସମ୍ପାଦକ ରାମହରି ପଣ୍ଡା, ରାମ ସାହୁ, ଜି.ଭି.ରାଓ, ସୁରେଶ ପାଣିଗ୍ରାହୀ, କାଳୁରାମ ପଣ୍ଡା, ପ୍ରଦୀପ ସାମନ୍ତରା, ପୂର୍ଣ୍ଣ ପଟ୍ଟନାୟକ, ଅକ୍ଷୟ ସାହୁ, ସୁବାସ ମିଶ୍ର, ହରି ପ୍ରସାଦ, ନରେଶ ମହାକୁଲ ଉପସ୍ଥିତ ଥିଲେ। ଡାକ୍ତର ନମ୍ରତା ମାଝି ଶିବିର ପରିଚଳନା କରିଥିଲେ। ଏହି ଶିବିରରେ ୧ ଶହରୁ ଅଧିକ ରୋଗୀଙ୍କ ମଗାଣା ଚିକିତ୍ସା କରାଯାଇଥିଲା। ଆଗକୁ ସହର ସହ ଗ୍ରାମାଞ୍ଚଳରେ ମଧ୍ୟ ଏପରି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ ବୋଲି ରୋଟାରୀ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ଡିଜି ସାନ୍ତୁନୁ କୁମାର ପାଣିଙ୍କୁ ଧନ୍ୟବାଦ ଦିଆଯାଇଛି।

## ସହକାରୀ କୃଷି ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

**ତେନ୍ତୁଳିଖୁଣ୍ଟି, ୨୯।୯(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ସହକାରୀ କୃଷି ଅଧିକାରୀ ଅମିତ କୁମାର ମଲ୍ଲିକ ଏକ ଟିମ୍ ସହ ତେନ୍ତୁଳିଖୁଣ୍ଟି ପଞ୍ଚାୟତର ଉଦୟପୁର ଗ୍ରାମର କିଛି କୃଷିକ୍ଷେତ୍ର ବୁଲି ଦେଖିଛନ୍ତି। ଚାଷୀ ଗୋପାଳ ମାଝିଙ୍କ ଧାନକ୍ଷେତରେ ମାଟିଆଗୁଣ୍ଡି ପୋକ ଲାଗିଥିବା ଦେଖି ତୁରନ୍ତ କୀଟନାଶକ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ। କୀଟନାଶକ କୃଷି କାର୍ଯ୍ୟାଳୟରେ ୫୦ ପ୍ରତିଶତ ରିହାତିରେ ମିଳିବ ବୋଲି ସେ କହିଥିଲେ। ଖରା ନ ହେଲେ ମାଟିଆଗୁଣ୍ଡି ପୋକ ଶୀଘ୍ର ବଂଶ ବିସ୍ତାର କରିବ। ଏଥିପ୍ରତି ସାବଧାନ ରହିବାକୁ ପଡ଼ିବ ବୋଲି କହିଥିଲେ। କୃଷି ଅଧିକାରୀଙ୍କ ସହ କୃଷି ଓଭରସିୟର ଧୀରେନ ବେନ୍ୟା, ଏଟିଏମ୍ ବାଳଗୋବିନ୍ଦ ସାହୁ, କୃଷି ଗ୍ରାମସେବକ ଗୋବିନ୍ଦ ସାହୁ, ସୁରେନ୍ଦ୍ର ପାତ୍ର ଉପସ୍ଥିତ ଥିଲେ।

## ସୁପର ସ୍ପେଶାଲିଟି ହସ୍ପିଟାଲ ଦାବି


ଧାରଣାରେ ବସିଥିବା ଯୁବ ବିକାଶ ପରିଷଦର ସଦସ୍ୟମାନେ।

**ରାୟଗଡ଼ା ଅଫିସ,୨୯।୯**

**ଯୁବ ବିକାଶ ପରିଷଦ ପକ୍ଷରୁ ୱାର୍ଡୱାରି ଧାରଣା ଆରମ୍ଭ**

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୁପର ସ୍ପେଶାଲିଟି ହସ୍ପିଟାଲ କରିବାକୁ ଦୀର୍ଘଦିନ ଧରି ଦାବି ହେଉଛି। ବାରମ୍ବାର ଦାବି ସତ୍ତ୍ୱେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ରାୟଗଡ଼ା ଯୁବ ବିକାଶ ପରିଷଦ ପକ୍ଷରୁ ବୁଧବାରଠାରୁ ୱାର୍ଡୱାରି ଧାରଣା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୧ ନମ୍ବର ୱାର୍ଡ ମାଁ ମାଝୀଗୌରୀ ମନ୍ଦିରର ପରିସରରେ ଏବଂ ୨ ନଂ. ୱାର୍ଡରେ ମଧ୍ୟ ଅପରାହ୍ନରେ ପରିଷଦ ପକ୍ଷରୁ ଧାରଣା ଦିଆଯାଇଥିଲା। ସୂଚନାଯୋଗ୍ୟ, ରାୟଗଡ଼ାଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଓ ରାୟଗଡା ମେଡିକାଲକୁ ସୁପର ସ୍ପେଶାଲିଟି ହସ୍ପିଟାଲ କରିବା ଦାବିରେ ଫେବୃଆରୀ ୯ରେ ଯୁବ ବିକାଶ ପରିଷଦ ପକ୍ଷରୁ ୧୦୦ ଘଣ୍ଟିଆ ଆମରଣ ଅନଶନ କରାଯାଇଥିଲା। ଅନଶନବେଳେ ମୁଖ୍ୟମନ୍ତ୍ରୀଙ୍କୁ ପୋଷ୍ଟ କାର୍ଡ ମାଧ୍ୟମରେ ଦାବି ଜଣାଯାଇଥିଲା। ଏହାମଧ୍ୟରେ ଅନେକ ମାସ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ପରିଷଦ ପକ୍ଷରୁ ପ୍ରତ୍ୟେକ ୱାର୍ଡରେ ଧାରଣା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିରେ ପ୍ରତ୍ୟେକ ୱାର୍ଡରେ ୩ ଘଣ୍ଟିଆ ଧାରଣା ଦିଆଯିବ। ଏହା ୨୦୨୨ ଏପ୍ରିଲ ପର୍ଯ୍ୟନ୍ତ ଚାଲିବ। ୱାର୍ଡ ପରେ ପ୍ରତ୍ୟେକ ପଞ୍ଚାୟତରେ ମଧ ଧାରଣା ଦିଆଯିବ ବୋଲି ଯୁବ ବିକାଶ ପରିଷଦର ଜିଲା ସଭାପତି ଶିବାଜୀ ଦାସ କହିଛନ୍ତି। ଧାରଣାରେ ଶଶୀଜ୍ୟୋତି ବେହେରା, ରବି ବେହେରା, ରାଜେନ୍ଦ୍ର ବେହେରା, ପ୍ରକାଶ ମିଶ୍ର, ପର୍ଶୁରାମ ବେହେରା, ଠାକୁର ବେହେରା, ଗୋପୀନାଥ ଗୌଡ଼, କୃଷ୍ଣ ପ୍ରସାଦ ମିଶ୍ର, ସୁରେଶ ନାୟକ ପ୍ରମୁଖ ସାମିଲ ଥିଲେ।

# ରାୟଗଡ଼ାକୁ ଦକ୍ଷ ଶିଶୁଙ୍କ ଜିଲା କରିବାକୁ ପ୍ରୟାସ

**ରାୟଗଡ଼ା ଅଫିସ,୨୯।୯**

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଜିଲାରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। 'ପ୍ରଚେଷ୍ଟା ଅଭିଯାନ' ମାଧ୍ୟମରେ ବାଲ୍ୟ ବିବାହ ନିରାକରଣ ଓ କିଶୋରୀ ସଶକ୍ତୀକରଣ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ହୋଇଛି। ଜିଲାପାଳ ସରୋଜ କୁମାର ମିଶ୍ର ବୁଧବାର ପ୍ରଚେଷ୍ଟା ଲୋଗୋ ଉନ୍ମୋଚନ କରିବା ସହ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମକୁ ପ୍ରଚେଷ୍ଟା ଅଭିଯାନରେ ସାମିଲ କରିଛନ୍ତି। ଏହି ବୈଠକରେ ବାଲ୍ୟ ବିବାହ ରୋକିବା ତଥା ଶିଶୁ ସୁରକ୍ଷା, ଶିଶୁର ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଓ କିଶୋରୀ, କିଶୋରଙ୍କୁ ସଶକ୍ତ କରିବା ପାଇଁ ନିର୍ଦ୍ଧାରିତ କାର୍ଯ୍ୟ ଖସଡ଼ା ଅନୁଯାୟୀ ଗତ ୩ ମାସରେ ବିଭିନ୍ନ ବିଭାଗ ଦ୍ୱାରା ସମ୍ପାଦିତ ହୋଇଥିବା କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ଏଥିସହ ଆଗାମୀ ୩ ମାସ ପାଇଁ କରାଯିବାକୁ ଥିବା କାର୍ଯ୍ୟକ୍ରମ ଗୁଡ଼ିକ ବିଷୟରେ ଆଲୋଚନା ହୋଇଥିଲା।

ଶିଶୁଙ୍କ ବିଭିନ୍ନ ସମସ୍ୟା ଶୁଣିବା ଓ ଏହାର ଆଶୁ ସମାଧାନ କରିବା ନିମନ୍ତେ ଗ୍ରାମରୁ ଜିଲାସ୍ତର ପର୍ଯ୍ୟନ୍ତ ଗଠିତ ହୋଇଥିବା କମିଟି ମଧ୍ୟରେ ସମନ୍ୱୟ ରକ୍ଷାକରି ପ୍ରତ୍ୟେକ ମାସର ୨୯ ତାରିଖରେ ଶିଶୁଙ୍କ ସମସ୍ୟାର ସମାଧାନ କରାଯିବ। କିଶୋରୀ ସଶକ୍ତୀକରଣ ଓ ବାଲ୍ୟବିବାହ ନିରାକରଣ ଅଭିଯାନକୁ ଜୋରଦାର କରାଯିବାକୁ ଲକ୍ଷ୍ୟ ରହିଛି। ରାୟଗଡ଼ା ଜିଲାର ସମସ୍ତ ପିଲାଙ୍କୁ ସ୍କୁଲ ପଠାଇବା, ଜିଲାକୁ ବାଲ୍ୟ ବିବାହ ମୁକ୍ତ, ଶିଶୁ ଶ୍ରମିକ ମୁକ୍ତ, ଶିଶୁ ବନ୍ଧୁ (ଚାଇଲ୍ଡ ଫ୍ରେଣ୍ଡଲି) ଓ ଦକ୍ଷ ଶିଶୁଙ୍କ ଜିଲା ରୂପେ ମାନ୍ୟତା ଦେବାକୁ ପ୍ରଚେଷ୍ଟା ଅଭିଯାନ ମାଧ୍ୟମରେ ସମସ୍ତ ସରକାରୀ ବିଭାଗର ଅଧିକାରୀ ସାମିଲ ହୋଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଜିଲାପାଳ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଦିମ ଜନଜାତିର ଝିଅମାନେ ବିଳମ୍ବରେ ବିବାହ କଲେ ୨୦ହଜାର ଟଙ୍କା ଆର୍ଥିକ ସହାୟତା ପାଇବାର ଯୋଜନା ରହିଛି। ସେହିପରି ନିର୍ମାଣ ଶ୍ରମିକ ପରିବାରର ଦୁଇଟି ଝିଅଙ୍କ ପାଇଁ ବିବାହ ସମୟରେ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଜନା ରହିଛି। ଏହି ଯୋଜନା ବିଷୟରେ ପ୍ରତ୍ୟେକ ପରିବାରକୁ ସଚେତନ କରିବାକୁ ଗୁରୁତ୍ୱ ଦିଆଯାଇଛି। ଅକ୍ଟୋବର ୨ ରେ ସମସ୍ତ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ମାଧ୍ୟମରେ ସଚେତନ କରାଯିବ। କିଶୋରୀ ଓ କିଶୋରଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ବିଭିନ୍ନ ବିଭାଗ ଦ୍ୱାରା ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ କରି ସେମାନଙ୍କୁ ସାମିଲ କରାଯିବ ଏବଂ ନଭେମ୍ବର ୧୪ ରେ ସମସ୍ତ ସ୍କୁଲରେ ଶପଥ ପାଠ କାର୍ଯ୍ୟକ୍ରମ କରାଯିବ। ୩ ମାସର କାର୍ଯ୍ୟଖସଡ଼ା କିପରି ସଫଳ ହେବ ସେ ନେଇ ଜଲାପାଳ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଯାଜ୍ଞସିନୀ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଆକ୍ସନ୍‌ଏଡର ବାଲ୍ୟ ବିବାହ ନିଷେଧ ଜିଲା ପରାମର୍ଶଦାତା ରତ୍ନେଶ୍ୱର ସାହୁ ଉପସ୍ଥିତ ଥିଲେ। ସେହିପରି ଡିଏଲ୍‌ଏସ୍‌ଏର ସମ୍ପାଦକ ମନୋରଞ୍ଜନ ମିଶ୍ର, ଏଡିଏମ୍‌ଓ ଡା. ବି.ଏଲ୍. ଏନ୍. ପୃଷ୍ଟି, ଡିଆର୍‌ଡିଏ ଏପିଡି ଭୀମସେନ ଶବର, ବିଭିନ୍ନ ବ୍ଲକର ବିଡିଓ, ଏବିଡିଓ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଭିକ୍ଟୋରିଆ କୁଲୁ, ଡିଇଓ, ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀ, ଜିଲା ପଞ୍ଚାୟତ ଅଧିକାରୀ ରାମକୃଷ୍ଣ ଗଣ୍ଡ, ଜିଲା ଶ୍ରମ ଅଧିକାରୀ, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ, ଶିଶୁ ମଙ୍ଗଳ ସମିତିର ଅଧକ୍ଷ ରାଜକିଶୋର ସାହୁ, ଜିଲା କାର୍ଯ୍ୟକ୍ରମ ଅଧିକାରୀ କାମାକ୍ଷୀ ମଞ୍ଜରୀ ପାଢ଼ୀ, ସମସ୍ତ ଆଇସିଡିଏସ୍ ପ୍ରକଳ୍ପ ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ ଓ ଜିଲାସ୍ତରୀୟ ଅଧିକାରୀମାନେ ।

- ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଆରମ୍ଭ
- ବାଲ୍ୟ ବିବାହ ମୁକ୍ତ, ଶିଶୁ ଶ୍ରମିକ ମୁକ୍ତ ପାଇଁ ହେବ ଅଭିଯାନ
- ପ୍ରତ୍ୟେକ ମାସର ୨୯ ତାରିଖରେ ଶିଶୁଙ୍କ ସମସ୍ୟାର ସମାଧାନ ହେବ

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୩ ଗିରଫ

**ପାପଡ଼ାହାଣ୍ଡି,୨୯।୯(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛି। ଜିଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁ, ପାପଡ଼ାହାଣ୍ଡି ଅବକାରୀ ସବ୍‌ଇନ୍ସପେକ୍ଟର ହରପ୍ରସାଦ ରାଣା, ଏଏସ୍‌ଆଇ ଅମିୟ ଖଞ୍ଜା, ଜଗବନ୍ଧୁ ଜାନି, ରାଜେନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ଡେଙ୍ଗାଗୁଡ଼ା, ଗୁମିଦୋରା, ପେଟୁଗୁଡା, ପ୍ରଧାନୀଗୁଡ଼ା, ମଇଦଲପୁର, ପୋକନାଗୁଡ଼ା, ଗାଦବାକତରା, ପାପଡ଼ାହାଣ୍ଡି ଗ୍ରାମରେ ଚଢ଼ାଉ କରିଥିଲେ। ଡେଙ୍ଗାଗୁଡ଼ାରେ ୯ ଲିଟର ଦେଶୀ ମଦ ଜବତକରି ସୁଦର୍ଶନ ହରିଜନ (୩୫), ଗାଦବାକରାରେ ୮ ଲିଟର ଦେଶୀ ମଦ ସହ ଯୋଗେଶ୍ୱର ଦଳାଇ (୨୩), ଓମ୍ବଲ୍ଲାରେ ୭ଲିଟର ଦେଶୀ ମଦ ସହ ଲଛମନ ବିଷୋୟୀ (୪୫)ଙ୍କୁ ଗିରଫ କରାଯାଇଛି। ଚଢ଼ାଉ ସମୟରେ ଅବକାରୀ ବିଭାଗ କର୍ମଚାରୀ ବାଳକ୍ରିଷ୍ଣା ନାୟକ, ରଜନୀ ଜାନି, ଗତୁଲ ନାୟକ, ଦେବେନ୍ଦ୍ର ସମରଥ,ରଞ୍ଜିତ ସିଂଘ ସାମିଲ ଥିଲେ।

### ବିଜେଡିରେ ମିଶିଲେ ଭାଜପାର ୨୫୦ କର୍ମୀ

**ରାୟଗଡ଼ା ଅଫିସ,୨୯।୯:** ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓଙ୍କ ରାୟଗଡ଼ାସ୍ଥିତ ବାସଭବନରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁସୂଚିତ ଜାତି ଜନଜାତି ଉନ୍ନୟନ, ପଛୁଆ ବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଜିଲା ବିଜେଡି ସଭାପତି ସୁଧୀର କୁମାର ଦାସ, ଜିଲା ପରିଷଦ ଅଧକ୍ଷ ଗଙ୍ଗାଧର ପୁଆଲ ଉପସ୍ଥିତ ଥିଲେ। ଗତ ୨୦ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାୟଗଡ଼ାରୁ ଦଳରେ ମିଶିଥିବା ସଦସ୍ୟଙ୍କୁ ଏଠାରେ ଉପଢୌକନ ଦେଇ ସ୍ୱାଗତ କରାଯାଇଛି। ଭାଜପାର ଯୁବକର୍ମୀ ନାଗା ରେଡ୍ଡି ରବି ୨୫୦ରୁ ଊର୍ଦ୍ଧ୍ୱ ଯୁବକଙ୍କୁ ନେଇ ଦଳରେ ସାମିଲ ହୋଇଥିଲେ। ସେଠାରୁ ଚେକାଗୁଡ଼ାରେ ଅନୁଷ୍ଠିତ କବାଡ଼ି ପ୍ରତିଯୋଗିତାରେ ସାମିଲ ହେବାକୁ ସମସ୍ତେ ଏକ ଶୋଭାଯାତ୍ରାରେ ଯାଇଥିଲେ।

### ଆଇନ ସଚେତନତା ଶିବିର

**ନବରଙ୍ଗପୁର, ୨୯।୯(ବି.ପ୍ର.):** ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନ୍‌ଲାଇନରେ ଏସିଡ୍ ଆଟାକ ଓ ସାଇବର ଆଇନ ସମ୍ପର୍କରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲା ଜଜ୍ ଅଶୋକ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମକୁ ପ୍ରାଧିକରଣ ସମ୍ପାଦିକା ଅନ୍ନପୂର୍ଣ୍ଣା ନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପରିବାର ବିଚାର ବିଭାଗୀୟ ଜଜ୍ ସଞ୍ଜୟ କୁମାର ସାହୁ ଯୋଗଦେଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ଅନ୍ନପୂର୍ଣ୍ଣା ଏସିଡ୍ ଆଟାକ ଆଇନ ବିଷୟରେ ଆଲୋକପାତ କରିଥିଲେ। ଏଏସ୍‌ପି ଜୟକୃଷ୍ଣ ବେହେରା ସାଇବର ଅପରାଧଠାରୁ କିପରି ରକ୍ଷା ପାଇବେ ସେ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାଧିକରଣର ସମ୍ପାଦିକା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ପ୍ରାଥମିକ ସ୍ତରରେ ମାତୃଭାଷା ଶିକ୍ଷାଦାନ ଉପରେ ଗୁରୁତ୍ୱ

**ରାୟଗଡ଼ା ଅଫିସ,୨୯।୯:** ରାୟଗଡ଼ା ନିକଟସ୍ଥ ଭାକୁରଗୁଡ଼ା ଆଶ୍ରମ ବିଦ୍ୟାଳୟ ପରିସରରେ ୟୁନିସେଫ୍ ଓ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ମିଳିତ ସହଯୋଗରେ ସୌରା ଭାଷା ଶିକ୍ଷକଙ୍କୁ ନେଇ ଚାଲିଥିବା ୭ଦିନିଆ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କଲ୍ୟାଣ ବିଭାଗ ଡିଆଇ ଶ୍ୟାମଘନ ଭୂୟାଁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାୟଗଡ଼ା କଲ୍ୟାଣ ବିଭାଗ ଜିଲା ମଣ୍ଡଳାଧୀଶ ବିନୋଦ ବିହାରୀ ପଟ୍ଟନାୟକ ମୁଖ୍ୟ ଅତିଥି, ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀ, ୟୁନିସେଫ୍‌ର ଶିକ୍ଷା ସଂଯୋଜକ ପ୍ରକାଶ କୁମାର ବାରିକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାଥମିକ ସ୍ତରରେ ମାତୃଭାଷା ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାର ୬୦ଜଣ ସୌରା ଭାଷା ଶିକ୍ଷକଙ୍କୁ ନେଇ ଦୁଇଟି ଦଳରେ ଭାଗ କରାଯାଇ ସେମାନଙ୍କ ପ୍ରଶିକ୍ଷଣ ଦିଆଯାଇଥିଲା। ରାଜ୍ୟ ସାଧନକର୍ମୀ ଦ୍ୱିତୀ ଚନ୍ଦ୍ର ସାହୁ, ସୂର୍ଯ୍ୟନାରାୟଣ ପଣ୍ଡା ଏବଂ ସୌରା ଭାଷା ବିଶେଷଜ୍ଞ ଭାବେ ଇନାମ ଗମାଙ୍ଗ ଓ ଫିଲିପ୍ ମଣ୍ଡଳ ତାଲିମ ଦେଇଥିଲେ।

# ଷୋଡ଼ଶ ଉପଚାର ପୂଜା ଆରମ୍ଭ, ବାହାରିଲା ଆଜ୍ଞାମାଳ

## ଜୟପୁର ଐତିହାସିକ ଦଶହରା ମହୋତ୍ସବ

**ଜୟପୁର, ୨୯।୯(ନି. ପ୍ର.)**

ଜୟପୁରର ଅଧିଷ୍ଠାତ୍ରୀ ମା' ଭଗବତୀଙ୍କ ମନ୍ଦିରରେ ବୁଧବାରରୁ ଦଶହରା ପାଇଁ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ଦଶହରା ପାଇଁ ଆଜ୍ଞାମାଳ ଗ୍ରହଣ କରାଯାଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏହି ଆଜ୍ଞାମାଳ ଗ୍ରହଣ କରିଛନ୍ତି। ଅଧିଷ୍ଠାତ୍ରୀ ମା' ଦକ୍ଷିଣକାଳିକା ମନ୍ଦିରରେ ମଧ ଏହି ପୂଜା ଆରମ୍ଭ ହୋଇଛି। ଠାକୁରାଣୀମାନଙ୍କୁ ୧୦୦୮ ଲେଖାଏ ରୁପା ଡାଳ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ନୀତିକାନ୍ତି ପରେ ଏହି ପର୍ବ ଆରମ୍ଭ ହୋଇଥିଲା। ମା' ଭଗବତୀ, ଦକ୍ଷିଣ କାଳିକାଙ୍କ ପୀଠରେ ୧୬ ଦିନବ୍ୟାପୀ ହୋମ, ଚଣ୍ଡିପାଠ, ସ୍ୱତନ୍ତ୍ର ପୂଜା, ଅଖଣ୍ଡ ଦୀପ ଲାଗି ପୂଜା ହେବ। ମୂଳାଷ୍ଟମୀ ଅବସରରେ ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରୁ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଦେବୀପୀଠକୁ ଦଶହରାରେ ଯୋଗଦେବାକୁ ନିମନ୍ତ୍ରଣ ବଣ୍ଟା ଆରମ୍ଭ ହୋଇଛି। ଆମାବାସ୍ୟ ପରେ ଅବିଭକ୍ତ କୋରାପୁଟ ଜିଲାର ୬ଟି ଦେବୀପୀଠ ଏବଂ ସେବାୟତଙ୍କୁ ଦଶହରାରେ ଯୋଗଦେବା ଲାଗି ନିମନ୍ତ୍ରଣ ଦିଆଯିବ। ନିମନ୍ତ୍ରଣ ପାଇବା ପରେ ବିଭିନ୍ନ ଦେବୀପୀଠରୁ ଦେବୀଙ୍କ ପ୍ରତୀକ ଲାଠି,ଖଣ୍ଡା, ଛତ୍ର, ବିମାନ ନେଇ ଭକ୍ତମାନେ ଜୟପୁରରେ ଦଶମ ତିଥିରେ ପହଞ୍ଚିବେ। ଏହି ଲାଠିଧାରୀମାନଙ୍କୁ ଦଶହରା ପଡ଼ିଆରେ ପାରମ୍ପରିକ ନୀତିରେ ପୂଜାର୍ଚ୍ଚନା କରାଯାଇଥାଏ। ଏହାକୁ ଅପରାଜିତା ପୂଜା କୁହାଯାଏ।


ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଆଜ୍ଞାମାଳ ଗ୍ରହଣ କରୁଛନ୍ତି।

ମା' ଭଗବତୀ ମନ୍ଦିରରେ ସହସ୍ର କୁମ୍ଭାଭିଷେକ କରାଯାଇଛି। ପରେ ମା'ଙ୍କ ପୂଜକ ବୀରେନ୍ଦ୍ର ରଥ ପୂଜାର୍ଚ୍ଚନା, ଆଳତି କରିବା ସହ ଦେବୀଙ୍କ ଆଜ୍ଞାମାଳ ଜୟପୁର ପୂଜା କମିଟି ଅଧକ୍ଷ ତାରାପ୍ରସାଦ ବାହିନୀପତିଙ୍କୁ ପ୍ରଦାନ କରିଛନ୍ତି। ପୂଜା ସମୟରେ ଦେବୋତ୍ତର ଅଧିକାରୀ ତଥା ଜୟପୁର ତହସିଲଦାର ପ୍ରଧାନ ଟୁଲି ଆମ୍ମା, ଦେବୋତ୍ତର ବିଭାଗର କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅକ୍ଟୋବର ୬ରୁ ମା' ଭଗବତୀ ବିଜୟା ଭ୍ରମଣରେ ବାହାରିବେ। ୧୧ରେ ସପ୍ତମୀ ପୂଜା, ୧୨ରେ ମହାଷ୍ଟମୀ, ୧୩ରେ ମହାନବମୀ ପୂଜା ଓ ୧୫ ତାରିଖରେ ବିଜୟ ଦଶମୀ ହେବ। ଷଷ୍ଠୀରେ ଦକ୍ଷିଣ କାଳିକା ଓ ନବମୀରେ ଭଗବତୀଙ୍କ ସୁନାବେଶ କରିବା ନେଇ ସ୍ଥିର ହୋଇଛି। ଦେବୋତ୍ତର ବିଭାଗ ଓ ପୂଜା କମିଟି ତରଫରୁ ସବୁ ବ୍ୟବସ୍ଥା କରାଯାଇଛି । କରୋନା ଗାଇଡ୍‌ଲାଇନରେ ସମସ୍ତ ପୂଜା କରାଯିବ ବୋଲି ବିଧାୟକ ସୂଚନା ଦେଇଛନ୍ତି।

ରାଜାରାଜୁଡ଼ା ଅମଳରୁ ଭଗବତୀ ଓ ଦକ୍ଷିଣ କାଳିକା ମନ୍ଦିରରେ ୧୬ ଦିନବ୍ୟାପୀ ଷୋଡ଼ଶ ପୂଜା କରାଯାଇଆସୁଛି। ୧୬ ଦିନ ଶାରଦୀୟ ପୂଜା ହେବ। ପୂର୍ବରୁ ଜୟପୁର ଦଶହରାକୁ ମହୀଶୂର ଦଶହରା ସହ ତୁଳନା କରାଯାଉଥିଲା । ମହୀଶୂର ପରେ ଜୟପୁର ଦଶହରା ସମଗ୍ର ଦକ୍ଷିଣ ଭାରତରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ମହୀଶୂର ଭଳି ଜୟପୁରରେ ମଧ ୧୬ ଦିନ ବ୍ୟାପୀ ଏହି ଉତ୍ସବ ପାଳନ କରାଯାଉଥିଲା। କନକଦୁର୍ଗାଙ୍କ ମୂର୍ତ୍ତି ଚୋରି ହୋଇଯିବାପରେ କେତେକ ପରମ୍ପରା ଲୋପ ପାଇଯାଇଛି।


ଫାର୍ମରେ ଚିତ୍ତରଞ୍ଜନ।

# ପିଞ୍ଜରାରେ ଅଣ୍ଡାଦିଆ କୁକୁଡ଼ାଚାଷ

## ଦିନକୁ ବାହାରୁଛି ୯ଶହରୁ ଊର୍ଦ୍ଧ୍ୱ ଅଣ୍ଡା

**ଉମରକୋଟ, ୨୯।୯(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଉମରକୋଟର ଯୁବ ବ୍ୟବସାୟୀ ଚିତ୍ତରଞ୍ଜନ ପରିଡ଼ା ପିଞ୍ଜରାରେ ଅଣ୍ଡା ଦିଆ କୁକୁଡ଼ା ପାଳନ କରୁଛନ୍ତି। ଏହା ଫଳରେ ଲୋକଙ୍କୁ ତାଜା ଅଣ୍ଡା ମିଳିପାରୁଛି। ଉକ୍ତ ଫାର୍ମରେ କେତେଜଣ ସ୍ଥାନୀୟ ଲୋକଙ୍କୁ କର୍ମନିଯୁକ୍ତି ମିଳିପାରିଛି।

ଚିତ୍ତରଞ୍ଜନଙ୍କର ପିଲାଦିନରୁ ଚାଷ ପ୍ରତି ରୁଚି ରହିଛି । ପିଞ୍ଜରାରେ ଅଣ୍ଡା ଦିଆ କୁକୁଡ଼ା ପାଳନ ସମ୍ପର୍କରେ ଜାଣିବା ପରେ ପ୍ରାଣୀ ଚିକିତ୍ସକ ପ୍ରକାଶ ମହାନ୍ତିଙ୍କ ସହ ଯୋଗାଯୋଗ କରିଥିଲେ। ତାଙ୍କ ସହଯୋଗରେ ସେ ଏହି କାମ ଆରମ୍ଭ କରିଥିବା କହିଛନ୍ତି। ସରକାରଙ୍କ ପ୍ରାଣୀ ସମ୍ପଦ ଯୋଜନା ମଧ୍ୟରୁ ଏହା ଅନ୍ୟତମ। ଏଥିପାଇଁ ୭,୫୯,୨୦୦ଟଙ୍କା ଖର୍ଚ୍ଚ ହୋଇଛି। ୩,୦୩,୬୦୦ ଟଙ୍କା ସରକାରୀ ସହାୟତା ମିଳିଛି। ଏକ ୧୨୦୦ ବର୍ଗଫୁଟ ଜାଗାରେ ଗୋଟିଏ ଘର ତିଆରି କରାଯାଇଛି। ସେଥିରେ ହାଇଦ୍ରାବାଦରୁ ୧୦୦୦ କୁକୁଡ଼ା ଆଣି ରଖାଯାଇଛି। ଗୋଟିଏ କୁକୁଡ଼ା ବର୍ଷରେ ୩୨୦ ଅଣ୍ଡା ୨ବର୍ଷ ଯାଏ ଅଣ୍ଡା ଦିଏ। ପ୍ରତିଦିନ ଗୋଟିଏ କୁକୁଡ଼ା ପିଛା ୩.୧୦ପଇସା ଖର୍ଚ୍ଚ ହେଉଛି ବୋଲି ଚିତ୍ତରଞ୍ଜନ କହିଛନ୍ତି। ଏହା ଉମରକୋଟ ଅଞ୍ଚଳରେ ପ୍ରଥମ। ବର୍ତ୍ତମାନ ଉମରକୋଟକୁ ପଡ଼ୋଶୀ ରାଜ୍ୟରୁ ଅଣ୍ଡା ଆସୁଛି। ବର୍ତ୍ତମାନ ଲୋକେ ତାଜା ଅଣ୍ଡା କମ୍ ମୂଲ୍ୟରେ ପାଇପାରିବେ ବୋଲି ଆଶା କରାଯାଉଛି। ଏହି କୁକୁଡ଼ା ପାଳନ କେନ୍ଦ୍ରରୁ ପ୍ରତିଦିନ ୯୦୦ରୁ ୯୫୦ ଅଣ୍ଡା ବାହାରିବ ବୋଲି ଚିତ୍ତରଞ୍ଜନ ଆଶା ରଖିଛନ୍ତି। ଏହିଭଳି ଯୋଜନାକୁ ପ୍ରୋତ୍ସାହନ ମିଳିପାରିଲେ ଅନେକେ ରୋଜଗାରକ୍ଷମ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ଜଳବନ୍ଦୀ ଅଞ୍ଚଳକୁ ବିଧାୟକ ପାଣ୍ଠିରୁ ବୋଟ୍ ଆମ୍ବୁଲାନ୍ସ

## ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ବୈଠକ

**ତେନ୍ତୁଳିଖୁଣ୍ଟି, ୨୯।୯(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ବୈଠକ ମଙ୍ଗଳବାର ପଞ୍ଚାୟତ ସମିତି ଅଧକ୍ଷା ଦେବକୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝି ପୂର୍ବ ବୈଠକ ବିବରଣୀ ପଢ଼ିଥିଲେ। ମଞ୍ଚଗାଁ ପଞ୍ଚାୟତର ଜଳବନ୍ଦୀ ଅଞ୍ଚଳ ପାଇଁ ବିଧାୟକ ପାଣ୍ଠିରୁ ବୋଟ୍ ଆମ୍ବୁଲାନ୍ସ ଯୋଗାଇଦେବେ ବୋଲି ବିଧାୟକ କହିଥିଲେ। ମଞ୍ଚଗାଁରୁ ଦଶମନ୍ତପୁରକୁ ୩୦ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କରାଯିବ ବୋଲି କହିଥିଲେ।

୨୫ହଜାର ସ୍ମାର୍ଟ ହେଲ୍‌ଥ କାର୍ଡ ଅକ୍ଟୋବର ଶେଷ ସୁଦ୍ଧା ହିତାଧିକାରୀଙ୍କୁ ବଣ୍ଟନ କରାଯିବ ବୋଲି ବିଡିଓ ପଦ୍ମନାଭ ତ୍ରିପାଠୀ କହିଥିଲେ। ଶିକ୍ଷା ବିଭାଗ ଅଳ୍ପ ଛାତ୍ର ପାଇଁ ବନ୍ଦ ଥିବା ୧୨ଟି ବିଦ୍ୟାଳୟ ଖୋଲିବା ପାଇଁ କ'ଣ ବ୍ୟବସ୍ଥା କରିଛ ବୋଲି ବିଧାୟକ ପ୍ରଶ୍ନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ଏବିଇଓ ରମେଶ ଟାକ୍ରି ସନ୍ତୋଷ ଜନକ ଉତ୍ତର ଦେଇପାରି ନ ଥିଲେ। ଏବିଇଓ ମୋହନ ମଧୁସୂଦନ ବାଘ ମାଝିଗୁଡା ଓ ପରଜା କାମତା ବିଦ୍ୟାଳୟ ଛାଡି ଅନ୍ୟ ବିଦ୍ୟାଳୟ ଖୋଲିବ ବୋଲି କହିଥିଲେ। ଆଉ ୮ଟି ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲ ସାମିଲ କରାଯାଇଥିବା ସୂଚନା ଦିଆଯାଇଛି। ପଶୁ ଚିକିତ୍ସା ଅଧିକାରୀ ମହେନ୍ଦ୍ର ସମରଥ ବିଭାଗର ବିଭିନ୍ନ ଜନ ହିତକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସହକାରୀ ନିର୍ବାହୀ ଅଧିକାରୀ ଶାନ୍ତିଲତା ହେମ୍ବ୍ରମ ବ୍ଲକରେ ୩୨ ଅଙ୍ଗନୱାଡି ଗୃହ ନିର୍ମାଣ ଚାଲିଥିବା ସୂଚନା ଦେଇଥିଲେ। ବୈଠକରେ ଫରେଷ୍ଟର ଅସିତ କୁମାର ସାହୁ, ମତ୍ସ୍ୟ ବିଭାଗର ବିଶ୍ୱଜିତ ମହାକୁଡ଼, ବିପଣି ନିରୀକ୍ଷକ ରାଜେଶ ଶବର, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନୋଦିନୀ ପଟ୍ଟନାୟକ, ଉପାଧକ୍ଷ ତନୟ ସାଗର, ସରପଞ୍ଚ ସୂର୍ଯ୍ୟ ରନ୍ଧାରୀ, କୁମାର ପୂଜାରୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଗଞ୍ଜେଇ ଜବତ, ୨ ଗିରଫ

**ପାପଡ଼ାହାଣ୍ଡି /ମଇଦଲପୁର, ୨୯।୯ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ପୋଲିସ ସ୍କୁଟିରେ ଗଞ୍ଜେଇ ନେଇ ଯାଉଥିବାବେଳେ ବେଳେ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୋରାପୁଟ ଜିଲା ବାମୁଣୀ ଗ୍ରାମର ଶେକ ଆକବର (୪୪) ଓ ମହମଦ ରଫି (୪୨)। ଅଭିଯୁକ୍ତମାନେ ସ୍କୁଟି (ଓଡି-୧୦ଜେ-୪୯୭୦)ରେ ଗଞ୍ଜେଇ ନେଇ ଯାଉଥିଲେ। ପୋଲିସ ଗାଡ଼ି ଯାଞ୍ଚକରି ସେଥିରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲା। ପାପଡ଼ାହାଣ୍ଡି ତହସିଲଦାର ଯୋଗେଶ୍ୱର ଭୋଇଙ୍କ ଉପସ୍ଥିତରେ ଗଞ୍ଜେଇ ଓଜନ କରାଯାଇଥିଲା। ଏଥିରେ ୭କେଜି ୯ଶହ ଗ୍ରାମ ଗଞ୍ଜେଇ ଥିଲା। ପାପଡ଼ାହାଣ୍ଡି ଥାନାଧିକାରୀ ଶୁଭେନ୍ଦୁ ଶବର, ଫାଣ୍ଡି ଅଧିକାରୀ ଅନାମ ଦିଆନ ଉପସ୍ଥିତ ଥିଲେ।

# ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

## ଏଟିଏମରୁ ଟଙ୍କା ଲୁଟ ଉଦ୍ୟମ ଘଟଣା

**ନବରଙ୍ଗପୁର,୨୯।୯(ବି.ପ୍ର.)**



ନବରଙ୍ଗପୁର ସହରର ମଧ ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଏସ୍‌ବିଆଇ ଏଟିଏମ୍ ଲୁଟ୍ ଉଦ୍ୟମ ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ କାନପୁର ଜିଲା ଚକ୍ରି ଥାନା ଅଧୀନ ଶିଭପୁରମ କଲ୍ୟାଣୀ ନଗରର କମଳକାନ୍ତ(୩୬), ଗୋଖୋଡା ଗାଁର ଗୋବିନ୍ଦ ଚୌରାସିଆ(୨୬), କୈଳାସ ନଗରର ରିତେଶ ସିଂ ଯାଦବ(୨୫) ଓ ମଖାନ ନେୱାଡା ଗାଁର ଆକାଶ ସିଂ(୩୭)। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ଏଟିଏମ୍ ହ୍ୟାକ କରି ୫ ଲକ୍ଷ ୧୦ ହଜାର ଟଙ୍କା ଟ୍ରାଞ୍ଜାକ୍ସନ କରିଥିବା ପୋଲିସ ତଦନ୍ତରୁ ଜାଣି ପାରିଛି। ଅଭିଯୁକ୍ତମାନେ ଏଟିଏମ୍‌ରୁ ବାହାରୁଥିବା ଟଙ୍କା ସଟରକୁ ଟାମ୍ପରିଂ ସହ ହ୍ୟାକ କରି ଟଙ୍କା ଉଠାଇ ନିଅନ୍ତି। ସେମାନେ ନବରଙ୍ଗପୁର, ବାଲେଶ୍ୱର ଜିଲା ସମେତ ଅନ୍ୟ ସ୍ଥାନରେ ମଧ ଏହି ଉପାୟରେ ଏଟିଏମ୍ ଲୁଟ୍ କରୁଥିବା ଜଣାପଡିଛି। ନବରଙ୍ଗପୁର ଥାନା ପୋଲିସ ୩୮୬/୨୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ମଙ୍ଗଳବାର ଅଭିଯୁକ୍ତମାନେ ଏଟିଏମ୍‌ରୁ ଟଙ୍କା ଲୁଟ୍ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ଅଟକ ରଖିଥିଲା। ସେମାନଙ୍କଠାରୁ ଗୋଟିଏ କାର୍, ଏଟିଏମ୍ କାର୍ଡ, ପାସବୁକ, ଡ୍ରାଇଭିଂ ଲାଇସେନ୍ସ ଆଦି ଜବତ କରାଯାଇଛି।

# ଡେକୋରେଟିଭ ପଥରଖଣି ଖନନକୁ ସମର୍ଥନ

**ନାରାଣପାଟଣା, ୨୯।୯(ଡି.ଏନ୍.ଏ.)**

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ ଜାଗୁଗୁଡା ପଞ୍ଚାୟତ କୁନ୍ଦେସୁ ଗ୍ରାମରେ ଥିବା ପଥର ପାହାଡରେ ଡେକୋରେଟିଭ ପଥର ଖଣି ରହିଛି। ଏହି ପଥର ପାହାଡରେ ଡେକୋରେଟିଭ ପଥର ଉତ୍ତୋଳନ ପାଇଁ ନିମାଣି ରାମକୃଷ୍ଣ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମତି ମିଳିଛି। ଏହାପରେ ବୁଧବାର ଏଡିଏମ୍ ରାଜେନ୍ଦ୍ର କୁମାର ମାଝିଙ୍କ ସଭାପତିତ୍ୱରେ ଏକ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଆର୍‌ଓ ପ୍ରଶାନ୍ତ କର ଉପସ୍ଥିତ ଥିଲେ। କୋରାପୁଟ ଉପଜିଲାପାଳ, ବନ୍ଧୁଗାଁ ତହସିଲଦାର ଭବାନୀ ଶଙ୍କର ମିଶ୍ର, ବିଡ଼ିଓ ଆକାଶ ପଟ୍ଟନାୟକଙ୍କ ଉପସ୍ଥିତିରେ ପ୍ରଥମେ ଡେକୋରେଟିଭ ପଥର ଖଣିର ଅଜିତ ଷଡ଼ଙ୍ଗୀଙ୍କ ଦ୍ୱାରା ପ୍ରକଳ୍ପର ସମସ୍ତ ପ୍ରକାର କାର୍ଯ୍ୟର ବିବରଣୀ ପାଠ କରାଯାଇଛି। ଉପସ୍ଥିତ ଗ୍ରାମବାସୀ, ଆଇନଜୀବୀ ବି.ଶ୍ରୀନିବାସ ପଟ୍ଟନାୟକ, ଟାଙ୍କୁ ଚିତ୍ରୁ ପୂର୍ବତନ ସରପଞ୍ଚ ମାରୀଗା ହାରେକା, ବ୍ଲକ କଂଗ୍ରେସ ସଭାପତି ଡି ଏଙ୍କାଟି ଓ ସରପଞ୍ଚ ଏହି ପଥର ଖଣି ଖନନକୁ ସମର୍ଥନ ଜଣାଇଥିଲେ। ସ୍ଥାନୀୟ ଅଞ୍ଚଳର ଯୁବକଙ୍କୁ ଚାକିରି, ସ୍ୱାସ୍ଥ୍ୟ, ଶିକ୍ଷା, ଯାତାୟାତ ସୁବିଧା, ପରିବେଶ ସୁରକ୍ଷା, ପ୍ରଦୂଷଣ ନିୟନ୍ତ୍ରଣ ଲାଗି ପଦକ୍ଷେପ ଓ ଅଞ୍ଚଳର ଆନୁଷଙ୍ଗିକ ବିକାଶ ଦିଗରେ ଗୁରୁତ୍ୱ ଦେବାକୁ ଦାବି ହୋଇଛି। ବ୍ଲକର ୧୩ ପଞ୍ଚାୟତରୁ କିଛି ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ନେଇ କମିଟି କରି କାମ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୁନ୍ଦେସୁ ଗ୍ରାମବାସୀ, ସରପଞ୍ଚ, ସମିତିସଭ୍ୟ, ୱାର୍ଡ ମେମ୍ବର, ଜିଲା ପରିଷଦ ସଭ୍ୟ ଓ ବନ୍ଧୁଗାଁ ବ୍ଲକର ଅନେକ ରାଜନୈତିକ ଦଳର କର୍ମୀ ଉପସ୍ଥିତ ଥିଲେ।


ଜନଶୁଣାଣୀରେ ଉପସ୍ଥିତ ଗ୍ରାମବାସୀ ଓ ଅନ୍ୟମାନେ।

## ଯୁବକଙ୍କ ଆତ୍ମହତ୍ୟା

**ଚନ୍ଦାହାଣ୍ଡି, ୨୯।୯(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନକାବେଡା ପଞ୍ଚାୟତ ସଦର ଗ୍ରାମର ପଦ୍ମନାଭ ପାଣ୍ଡେ(୩୦)ଙ୍କ ଝୁଲନ୍ତା ମୃତଦେହ ମିଳିଛି। ତାଙ୍କ ବାପା ଗୋବିନ୍ଦ ପାଣ୍ଡେ ଚନ୍ଦାହାଣ୍ଡି ଥାନାରେ ଏଲ ଲିଖିତ ଅଭିଯୋଗ କରିଥିବା ଥାନାଧିକାରୀ ପ୍ରମାନନ୍ଦ ସୁନାନୀ ପ୍ରକାଶ କହିଛନ୍ତି। ଚନ୍ଦାହାଣ୍ଡି ପୋଲିସ ୧୪/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏସ୍‌ଆଇ ଶିବ ପ୍ରସାଦ ମହାନ୍ତିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ପଦ୍ମନାଭ ମଙ୍ଗଳବାର ରାତିରେ ଖାଇପିଇ ଶୋଇଥିଲେ। ବୁଧବାର ସକାଳୁ ଦୀର୍ଘ ସମୟ ଧରି ନ ଉଠିବାରୁ ପରିବାର ଲୋକେ କବାଟ ଭାଙ୍ଗି ଯାଇଥିଲେ। ଘର ଭିତରେ ତାଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ଖବରପାଇ ଏସ୍‌ଆଇ ଶିବ ପ୍ରସାଦ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଛେଦ ପାଇଁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଗଞ୍ଜେଇ ଚାଲାଣ ବେଳେ ଚଢ଼ାଉ, ୨ ଗିରଫ

**ଜୟପୁର ୨୯।୯(ନି ପ୍ର)**

ଗଞ୍ଜେଇ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗର ଚଢାଉ କରିଛି। ଏହି ମାମଲାରେ ଉତ୍ତରପ୍ରଦେଶର ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ସନ୍ତଲାଲ ସରୋଜ ଓ କମଲେଶ କୁମାର। ଅବକାରୀ ବିଭାଗ ସୂଚନାନୁଯାୟୀ ଉତ୍ତରପ୍ରଦେଶର ୨ ଅଭିଯୁକ୍ତ ଲମତାପୁଟ ପଟୁ ଗଞ୍ଜେଇ ଆଣି କୋଟା ଛକ ନିଟକରେ ବସ୍ କୁ ଅପେକ୍ଷା କରିଥିଲେ। ଏହି ଖବର ପାଇ ଅବକାରୀ ବିଭାଗ ଚଢାଉ କରି ୨୦ କେଜି ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତମାନେ ଗଞ୍ଜେଇକୁ ଜୟପୁରରୁ ଆଣି ରାୟପୁରକୁ ବସ ଯୋଗେ ନେଇ ସେଠାରୁ ଉତ୍ତର ପ୍ରଦେଶ ଚାଲାଣ କରିଥାନ୍ତେ। ଏହି ଯୋଜନା କୁ ପଣ୍ଡ କରିଛି ଜୟପୁର ଅବକାରି ବିଭାଗ। ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଅବକାରୀ ବିଭାଗ ସୂଚନା ଦେଇଛି।

# ୧୦ ବର୍ଷ ହେବ ସରୁନି ମନ୍ଦିର କାମ

## ଝାଟିମାଟି ଘରେ ପୂଜା ପାଉଛନ୍ତି ଠାକୁର

**ପାପଡାହାଣ୍ଡି/ମଇଦଲପୁର, ୨୯।୯(ଡି.ଏନ.ଏ.)**

ପାପଡାହାଣ୍ଡି ବ୍ଲକ ମଇଦଲପୁର ସଦର ମହକୁମାସ୍ଥିତ ନୂତନ ଜଗନ୍ନାଥ ମନ୍ଦିର କାମ ଶେଷ ହେଉନି। ଦୀର୍ଘ ୧୦ବର୍ଷ ତଳେ କାମ ଆରମ୍ଭ ହୋଇଥିବା ସତ୍ତ୍ୱେ କାମ ଏବେ ଯାଏ ସରୁନି। ନୂତନ ମନ୍ଦିର ଚାରିପାଖେ ଅନାବନା ଗଛ ସହ ମନ୍ଦିର ଉପରେ ଶିଉଳି ହୋଇଯାଇଛି। ପ୍ରଶାସନ, ମନ୍ଦିର କମିଟି ଅବହେଳା ଯୋଗୁ ଏହି କାମ ସରିପାରୁନି ବୋଲି ଗ୍ରାମବାସୀ ଦୁଃଖ ପ୍ରକାଶ କରିଛନ୍ତି। ବର୍ତ୍ତମାନ ମନ୍ଦିରଟି ଝାଟି ମାଟି ଗୃହରେ ଥିବାବେଳେ ବର୍ଷା ଦିନେ ପାଣି ଗଳୁଛି। ଝାଟି ମାଟି ଗୃହରେ ବହୁତ ଦୟନୀୟ ଅବସ୍ଥାରେ ପୂଜା ପାଉଛନ୍ତି ଠାକୁର। ମନ୍ଦିର ତିଆରି ନେଇ ଏଇ ଉମେଶ ମାଝିଙ୍କୁ ପଚାରିବାରୁ , ବର୍ତ୍ତମାନ ପାଣ୍ଠିରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅଛି। ମନ୍ଦିର କାମ ୭୦ଭାଗ ସରିଥିବା ବେଳେ ୩୦ଭାଗ ବାକି ଅଛି। କମିଟି ସଦସ୍ୟମାନଙ୍କ ର ଆନ୍ତରିକତା ନ ଥିବା ଜଣାପଡୁଛି। ଯଦି ଶୀଘ୍ର କାମ ଶେଷ ନ ହୁଏ ତାହା ହେଲେ ଟଙ୍କା ଫେରସ୍ତ ମଧ ହୋଇପାରେ। ଏଥିପ୍ରତି ଏମ୍‌ପି, ବିଧାୟକ ଦୃଷ୍ଟି ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଗାଁରେ ମନ୍ଦିରଟିଏ ଅଛି, କିନ୍ତୁ ଝାଟିମାଟି ଘରେ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପୂଜା ପାଉଛନ୍ତି ଠାକୁର। ତେଣୁ ମନ୍ଦିର କାମ ଯଥାଶୀଘ୍ର ସାରିବାକୁ ଗ୍ରାମବସୀ ଅନୁରୋଧ କରିଛନ୍ତି।


ନିର୍ମାଣାଧୀନ ମନ୍ଦିର

# ପୁଣି ଓଡ଼ିଶା ମୁହାଁ ଛତିଶଗଡ଼ ଜଙ୍ଗଲୀ ହାତୀପଲ

## ଦୁଇ ଦିନ ଧରି ନଷ୍ଟ କଲେଣି ମକା ଫସଲ


ଜଙ୍ଗଲରୁ ଗାଁ ଆଡକୁ ଆସୁଥିବା ହାତୀ।


ହାତୀପଲ ନଷ୍ଟ କରିଥିବା ମକା ଫସଲ।

**ରାଇଘର, ୨୯।୯(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଛତିଶଗଡ଼ ସୀମାନ୍ତ କୁନ୍ଦେଇ ପଞ୍ଚାୟତ ସମ୍ବଲପୁର ଓ କାଣ୍ଡେତରା ଗ୍ରାମ ନିକଟ କେଚିଡଙ୍ଗରୀ, ଗାଡାଘାଟ ଗାଁରେ ଛତିଶଗଡ଼ରୁ ଜଙ୍ଗଲି ହାତୀପଲ ପଣି ଉପଦ୍ରବ କରୁଛନ୍ତି। ୨ ଦିନ ଧରି ହାତୀମାନେ ଗାଁଗୁଡିକରେ ବ୍ୟାପକ ମକା ଫସଲ ନଷ୍ଟ କଲେଣି। ଖବରପାଇ ମଙ୍ଗଳବାରଠାରୁ ରାଇଘର ବନ ବିଭାଗ ଉକ୍ତ ଗ୍ରାମ ନିକଟରେ ଜଗି ରହିଛି।

ପଡୋଶୀ ଛତିଶଗଡ଼ର ଗରିଆବନ୍ଧ ଜିଲା ସାଲେଭାଟା ସଂରକ୍ଷିତ ଜଙ୍ଗଲରୁ ଏକ ହାତୀପଲ ମଙ୍ଗଳବାର ରାଇଘର ବ୍ଲକ ହାତିଗାଁ ସଂରକ୍ଷିତ ଜଙ୍ଗଲଦେଇ କୁନ୍ଦେଇ ପଞ୍ଚାୟତର ସମ୍ବଲପୁର ଓ କାଣ୍ଡେତରା, ଗାଡାଘାଟ, କେଚିଡ଼ଙ୍ଗରୀ ଗ୍ରାମକୁ ଆସିଛନ୍ତି। ହାତୀପଲ ଚାଷୀଙ୍କ ମକା, ଧାନ ଓ କଦଳୀ ଫସଲ ନଷ୍ଟ କରିବା ସହ ଚାଷ ଜଗିବା ପାଇଁ କରାଯାଇଥିବା ମଞ୍ଚା (ଲାଡି)କୁ ସୋମବାର ବିଳମ୍ବିତ ରାତିରେ ହାତୀପଲ ଭାଙ୍ଗିଦେଇଛନ୍ତି। ଗ୍ରାମବାସୀ ରାଇଘର ବନ ବିଭାଗକୁ ଖବର ଦେଇଥିଲେ। ହାତୀପଲରେ ୧୫ ରୁ ଅଧିକ ହାତୀ ରହିଥିବା ଗ୍ରାମବାସୀ କହିଛନ୍ତି। ଟିଣ ଡବା ବଜାଇ ବାଣ ଫୁଟାଇ ହାତୀକୁ ଘଉଡାଇବା ପାଇଁ ଲୋକେ ଚେଷ୍ଟା ଚଳାଇଛନ୍ତି। ବର୍ତ୍ତମାନ ସୁଦ୍ଧା ହାତୀ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ରହିଛନ୍ତି। ଧାର କରଜ କରି ମକା ଚାଷ କରିଥିବା ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ହାତୀପଲ ଫସଲ ନଷ୍ଟ କରିଥିବାରୁ କ୍ଷତିପୂରଣ ଦାବି କରିଛନ୍ତି ଚାଷୀ। ହାତୀଙ୍କୁ ତୁରନ୍ତ ଘଉଡେଇବା ପାଇଁ ବନ ବିଭାଗକୁ ନିବେଦନ କରିଛନ୍ତି କୁନ୍ଦେଇ ସରପଞ୍ଚ ସନରାଜ ଗଣ୍ଡ। ବନକର୍ମଚାରୀ ହାତୀଙ୍କୁ ଘଉଡାଇବାକୁ ଉଦ୍ୟମ ଚଳାଇଛନ୍ତି ବୋଲି ଡିଏଫ୍‌ଓ କହିଛନ୍ତି।

**ଲିମେଶ୍ୱରୀଙ୍କ ଶୋଡ଼ଷ ପୂଜା ଆରମ୍ଭ**

ପାତ୍ରପୁର, (ଡି.ଏନ.ଏ): ପାତ୍ରପୁର ବ୍ଲକ ତୁମ୍ବାର ଆରାଧ ଦେବୀ ମା' ଲିମେଶ୍ୱରୀଙ୍କ ଶୋଡ଼ଷ ପୂଜା ଓ ଲିମେଶ୍ୱରୀ ଯାତ୍ରା ମଙ୍ଗଳବାର ମଧରାତ୍ରିରୁ ଆରମ୍ଭ ହୋଇଛି। ଗତ କାଲି ମଧ ରାତ୍ରିରେ ତାମ୍ବୁଳ, ବାଦ୍ୟ ଆଦି ଧ୍ୱନୀ ସହିତ ଜାନି ଗଣ, ଗ୍ରାମବାସୀ ପାହାଡ଼ ଉପରେ ଥିବା ସ୍ଥାଇ ପୀଠକୁ ଯାଇ ମା'ଙ୍କୁ ଗ୍ରାମର ଅସ୍ଥାୟୀ ପୀଠକୁ ଷୋଡ଼ଷ ଯାତ୍ରା ପାଇଁ ଆବାହନ କରିଥିଲେ। ମା'ଙ୍କର ପୁଜାର୍ଚ୍ଚନା କରିବା ପରେ ମା'ଙ୍କ ମଥାରୁ ଫୁଲମାଳ ପଡ଼ିବା ପରେ ମା'ଙ୍କ ଅଜ୍ଞାମାନ ମିଳିଲା ବୋଲି ମାନିଥାନ୍ତି । ପରେ ଗ୍ରାମ ପରିକ୍ରମା କରି ଭୋରୁରୁ ମା ଅସ୍ଥାୟୀ ପୀଠରେ ବିଜେ କରିଥିଲେ। ଦୀର୍ଘ ୧୬ ଦିନ ଯାଏ ଏହି ଯାତ୍ରା ହେବାକୁ ଥିବା ବେଳେ ପାହାଡ଼ ଉପରେ ଥିବା ଶତାଧିକ ଆଦିବାସୀଙ୍କ ସହ ଗଜପତି ଜିଲାର କିଛି ଆଦିବାସୀମାନେ ଏହି ଯାତ୍ରା ଦେଖିବାକୁ ଆସନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

**ଆସିକା,୨୯।୯(ଡି.ଏନ୍.ଏ.):** ଗାଙ୍ଗପୁର ଥାନା ଅନ୍ତର୍ଗତ କୁଲାଙ୍ଗି ଗ୍ରାମରେ ବୁଧବାର ଏକ ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି।ସେ ହେଲେ ଉକ୍ତ ଗ୍ରାମର ବୃନ୍ଦାବନ ବେହେରା (୫୨)। ବୃନ୍ଦାବନ ଗୃହ ନିର୍ମାଣ କାର୍ଯ୍ୟ କରୁଥିଲା ବେଳେ ପାଣି ମୋଟର ସଂସ୍ପର୍ଶରେ ଆସିଯିବାରୁ ବିଦ୍ୟୁତ ଆଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ସମ୍ପର୍କରେ ମୃତକଙ୍କ ପୁଅ ପିଣ୍ଟୁ ବେହେରା ଗାଙ୍ଗପୁର ପୋଲିସରେ ଅଭିଯୋଗ କରିଛନ୍ତି। ନଂ.୨୬/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଧିରେଶ କୁମାର ଦାସ ସୂଚନା ଦେଇଛନ୍ତି। ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

### ନଦୀରୁ ନିଖୋଜ ମହିଳାଙ୍କ ମୃତଦେହ ଜବତ

**ଧରାକୋଟ,୨୯।୯(ଡି.ଏନ୍.ଏ.):** ଧରାକୋଟ ବ୍ଲକ ସୁନ୍ଦରାପଲୀ ଗ୍ରାମର ଗୋଲି ଜେନା ଗତ ୨୧ ତାରିଖ ଭୋରରେ ଶୌଚ ହେବା ପାଇଁ ଋଷିକୁଲ୍ୟା ନଦୀକୁ ଯାଇ ପାଣିରେ ଭାସିଯାଇଥିଲେ। ବୁଧବାର ଦମକଳ ବାହିନୀ ପୁଣି ଖୋଜାଖୋଜି ଆରମ୍ଭ କରିଥିଲେ। ସୁନ୍ଦରାପଲୀଠାରୁ ପାଞ୍ଚ କିଲୋମିଟର ଦୂର ଲକ୍ଷ୍ମୀପୁର ଗ୍ରାମରୁ ଗୋଲିଙ୍କ ମୃତଦେହ ବାହାରିଥିଲା। ଧରାକୋଟ ପୋଲିସ ମୃତଦେହ ଜବତ କରି ସ୍ଥାନୀୟ ତହସିଲଦାରଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ପାଇଁ ଆସିକା ମେଡିକାଲ ପଠାଇଛି।

### ଚୋରି ସାମଗ୍ରୀ ଉଦ୍ଧାର: ୨ ଗିରଫ

**ଆସିକା,୨୯।୯(ଡି.ଏନ୍.ଏ.):** ଆସିକା ଥାନା ଗୁଣ୍ଠପଡା ଗ୍ରାମ ଜଗଦଳପୁର ହାଇସ୍କୁଲ କାର୍ଯ୍ୟାଳୟରୁ ଗତ ଗୁରୁବାର ରାତିରେ ଚୋରି ହୋଇଥିଲା । ପୋଲିସ ଏହି ଘଟଣାରେ ମଙ୍ଗଳବାର ରାତିରେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ କେନ୍ଦୁପଦର ଗ୍ରାମର କୃଷ୍ଣ ବିଶ୍ୱାଳ। ତାଙ୍କଠାରୁ ଚୋରି ସାମଗ୍ରୀକୁ କିଣିଥିବା ଅଭିଯୋଗରେ ଆସିକା ଥାନା କୋଟିନଡା ଗ୍ରାମର ଗଣେଶ ନାହାକଙ୍କୁ ମଧ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କଠାରୁ ସ୍କୁଲରୁ ଚୋରି ହୋଇଥିବା ଗୋଟିଏ ଏଲଇଡି ଟିଭି, ଇନଭଟର, ମୋଟର ପମ୍ପ ଓ ବିଦ୍ୟାଳୟ ଘଣ୍ଟା ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ବୁଧବାର ଦିନ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ବୁଧବାର ସକାଳେ ପ୍ରଧାନ ଶିକ୍ଷକ ସ୍କୁଲରେ ପହଞ୍ଚିବା ବେଳେ ତାଙ୍କ ପ୍ରକୋଷ୍ଠ ସମେତ କେତେକ ବଖରାର କବାଟ ଖୋଲା ରହିଥିଲା । ଅନୁସନ୍ଧାନ ବେଳେ ଉପରୋକ୍ତ ଜିନିଷ ସବୁ ଚୋରି ହୋଇଥିଲା। ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷକ ସୁଶୀଲ ମୋହନ ପାତ୍ର ଆସିକା ପୋଲିସରେ ଅଭିଯୋଗ କରିଥିଲେ । ନଂ. ୬୩୦/୨୧ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା।

### ବିଜୁଳି କାଟ୍ ନେଇ ଅସନ୍ତୋଷ

**ଆର.ଉଦୟଗିରି,୨୯।୯(ଡି.ଏନ.ଏ.):** ଗଜପତି ଜିଲା ଆର.ଉଦୟଗିରି, ଛେଲିଗଡ, ରାମଗିରି, ଛେଲାଗଡ, ମହେନ୍ଦ୍ରଗଡ, ନୂଆଗଡ, ଖଜୁରିପଦା, ବଡପଦା, କେରେଡାଙ୍ଗ ଓ ବିଭିନ୍ନ ଗ୍ରାମରେ ଦିନକୁ ୨୦ରୁ ଉର୍ଦ୍ଧ୍ୱ ଥର ବିଦ୍ୟୁତ କାଟ୍ ହେଉଛି। ଭୋର ୬ଟାରେ ଆରମ୍ଭ ହେଉଛି ରାତି ୧୨ଟା ପର୍ଯ୍ୟନ୍ତ। ବାରମ୍ବାର ଅଘୋଷିତ ବିଜୁଳିକାଟ ନେଇ ଜନ ଅସନ୍ତୋଷ ବଢ଼ିଚାଲିଛି। ଗତ ବୁଧବାର ରାତି ୭ଟାରେ ବିଜୁଳି କଟିଯାଇ ଅପରାହ୍ନ ୧.୩୦ରେ ଆସିଥିଲା। ଶୁକ୍ରବାର ସନ୍ଧ୍ୟା ୪ଟାରେ କଟି ରାତି ୮ଟାରେ ଆସିଥିଲା। ଶନିବାର ରାତି ୧୧ଟାରେ ବିଦ୍ୟୁତ୍ କଟି ସୋମବାର ସନ୍ଧ୍ୟା ୪ଟାରେ ଆସିଥିଲା। ବାରମ୍ବାର ବିଜୁଳି କାଟ ହେବା ଦ୍ୱାରା ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସବୁ ଅଚଳ ହୋଇଯାଉଛି। ନୂଆଗଡ ଗ୍ରାମରେ ବିଜୁଳି କଟିଗଲେ ନେଟୱର୍କ ମଧ କଟିଯାଉଛି। ଫଳରେ ସମସ୍ତ ସରକାରୀ କାମ ବନ୍ଦ ହୋଇଯାଉଛି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ଟିକା ଓ ଛୋଟ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଟିକା ମହଜୁଦ ରହିଛି। ଏପରି ବାରମ୍ବାର ବିଦ୍ୟୁତ କାଟ ଯୋଗୁ ଏହି ଟିକା ବି ନଷ୍ଟ ହେବା ସମ୍ଭାବନା ରହିଛି। ଛାତ୍ରୀଛାତ୍ରଙ୍କ ପାଇଁ ଅନ୍‌ଲାଇନ ପାଠପଢ଼ା ଓ ସରକାରଙ୍କ ଅତି ଜରୁରୀକାଳୀନ ସେବା ବାଧାପ୍ରାପ୍ତ ହେଉଛି। ବିନା ବର୍ଷା, ପବନ ଓ କାଳବୈଶାଖୀ ନ ଥାଇ ମଧ ପ୍ରାୟ ଘଣ୍ଟା ଘଣ୍ଟା ବିଦ୍ୟୁତ ରହୁନି। ବାରମ୍ବାର ବିଦ୍ୟୁତ କଟୁଥିବାରୁ ଗ୍ରାମ୍ୟ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଛି। ଏ ସମ୍ପର୍କରେ ଆର.ଉଦୟଗିରି ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ସେମାନେ କୁହନ୍ତି, ମୋହନାରୁ କଟାଯାଉଛି, ୩୩ କେଭି ବ୍ରେକ୍‌ଡାଉନ୍ ହୋଇଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଏୟାର ଆମ୍ବୁଲାନ୍ସରେ ଚିକିତ୍ସା ସେବାନେଇ ଆଲୋଚନା

## ମିଶନ ଶକ୍ତି ସଭା ଗୃହରେ ଦିଶା ବୈଠକ

**ନବରଙ୍ଗପୁର,୨୯।୯(ବି.ପ୍ର.)**

ନବରଙ୍ଗପୁରସ୍ଥିତ ମିଶନଶକ୍ତି ସଭା ଗୃହରେ ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ଅଧ୍ୟକ୍ଷତାରେ 'ଦିଶା' ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କେନ୍ଦ୍ର ସରକାରଙ୍କ ବିଭନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଛି।

କୋଭିଡ ମୃତକଙ୍କୁ କୋଭିଡ ଜନିତ ମୃତ୍ୟ ପ୍ରମାଣ ପତ୍ର ଦିଆଯାଉ ନାହିଁ କାହିଁକି ବୋଲି ବୈଠକରେ ପ୍ରଶ୍ନ ଉଠିଥିଲା। କମିଟି ତଦନ୍ତ କରିବା ପରେ ରିପୋର୍ଟକୁ ଆଧାର କରି ପ୍ରମାଣ ପତ୍ର ଦିଆଯାଏ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୧୫ ଦିନ ମଧ୍ୟରେ ଜିଲାରେ ୩ଜଣ ପ୍ରସୂତିଙ୍କ ମୃତ୍ୟୁ ହୋଇଛି। ଏଥିସହ ଦିବ୍ୟାଙ୍ଗ ପ୍ରମାଣପତ୍ର ଠିକ୍‌ଭାବେ ମିଳୁ ନ ଥିବା ଅଭିଯୋଗ ହୋଇଥିଲା। ପ୍ରତି ମାସର ୧ତାରିଖରେ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର ଦିଆଯାଉଥିବା ସିଡିଏମଓ ଚୌଧୁରୀ ଶୋଭାରାଣୀ ମିଶ୍ର କହିଥିଲେ । ଏଏନ୍‌ଏମ୍ କ୍ୱାଟର ମଶାଣି ଓ ଜଙ୍ଗଲ ଭିତରେ ଓ ନିଛାଟିଆ ସ୍ଥାନରେ କରାଯାଉଛି। ଯନ୍ତ୍ରୀ ସହକାରୀ ଯନ୍ତ୍ରୀ କେହି କାମ ପାଖକୁ ଯାଉ ନାହାନ୍ତି। ନିମ୍ନମାନର କୋଠା ନିର୍ମାଣ ହେଉଛି ବୋଲି ଅଭିଯୋଗ ହୋଇଛି। ଆଶୀର୍ବାଦ ଯୋଜନାରେ ୨୨୮ ଜଣଙ୍କୁ ସହାୟତା ମିଳିବ। ଏୟାର ଆମ୍ବୁଲାନ୍ସ ମାଧ୍ୟମରେ ଚିକିତ୍ସା ସେବା ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଦୁଇ ବର୍ଷ ପରେ ଫଳକ ଲଗାଯାଉଛି । ସେଥିରେ ମଧ ଅନେକ ତ୍ରୁଟି ରହୁଛି ବୋଲି ଅଭିଯୋଗ ହୋଇଥିଲା। ନିର୍ବାହୀ ଯନ୍ତ୍ରୀ ଏହା ଭୁଲରେ ହୋଇଛି ବୋଲି କହିଥିଲେ। ଚଳିତ ବର୍ଷ ୨୮ଟି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହେବ ବୋଲି ସୂଚନା ଦିଆଯାଇଛି। ୫ଶହ ଜନସଂଖ୍ୟା ବିଶିଷ୍ଟ ଗାଁକୁ ରାସ୍ତା କରାଯିବାକୁ ନିୟମ ଥିଲେ ମଧ ଜିଲାରେ ଏଥିରେ ଖିଲାପ କରାଯାଉଛି ବୋଲି ଏମ୍‌ପି ପ୍ରଶ୍ନ ଉଠାଇଥିଲେ। ନବରଙ୍ଗପୁର ସହର ପାଖଦେଇ ନୂତନ ରେଳପଥର ସର୍ଭେ କରାଯାଇଛି। ନୂତନ ଜିଲା ଅଦାଲତ ବିଲ୍ଡିଂ ପରେ ପୁଣିଥରେ ନୂତନ ରେଳପଥ ସର୍ଭେ କରାଯିବାକୁ ଆଲୋଚନା ହୋଇଛି। ଏନେଇ ଜିଲାପାଳ ପଦକ୍ଷେପ ନେବାକୁ ବୈଠକରେ କୁହାଯାଇଛି। ଡିଏଫଓ ବୈଠକରେ ଅନୁପସ୍ଥିତ ରହୁଛନ୍ତି। ନୂତନ ରାସ୍ତା ନିର୍ମାଣ ସମୟରେ ଜଙ୍ଗଲ ବିଭାଗର ଅନୁମତି ଓ ଅନୁମୋଦନ ଆବଶ୍ୟକ ରହୁଛି। ଡିଏଫଓ ଏଥିପ୍ରତି ଗୁରୁତ୍ୱ ଦେଉ ନାହାନ୍ତି ବୋଲି ସଭ୍ୟମାନେ ବିରକ୍ତ ପ୍ରକାଶ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ବାଜୀ, ଯାଦବ ମାଝି, ହବିବୁଲ୍ଲାଖାଁ, ରବି ସିଂ ମାଝି ଓ ଜଗନ୍ନାଥ ତ୍ରିପାଠୀଙ୍କର ନାମରେ ରାସ୍ତା କରିବାକୁ ନିଷ୍ପତ୍ତି ନିଆଯାଇଛି।

ଜିଲାରେ ବାରମ୍ବାର ବିଦ୍ୟୁତ୍‌କାଟ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। କେତେକ ଗାଁରେ ବିଦ୍ୟୁତ ସଂଯୋଗ ହୋଇନଥିଲେ ମଧ ବିଦ୍ୟୁତ ବିଲ୍ ଆସୁଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି ବହୁ ଗ୍ରାମରେ ନେଟୱାର୍କ ସଂଯୋଗ ହୋଇ ନଥିବାରୁ ଲୋକମାନେ ହଇରାଣ ହେଉଥିବା କୁହାଯାଇଥିଲା। ପ୍ରଧାନମନ୍ତ୍ରୀ ସଡକ ଯୋଜନା ମରାମତି ନାଁରେ ହୋଇଥିବା ଦୁର୍ନୀତି ତଦନ୍ତ ଏକ କମିଟି କରିବ ବୋଲି ଏମ୍‌ପି ରମେଶ ମାଝି କହିଥିଲେ। ଜିଲାରେ ମରୁଡି ପରିସ୍ଥିତିନେଇ ବୈଠକରେ କୃଷି ବିଭାଗକୁ ତଥ୍ୟଲୋଡିଥିଲେହେଁ ମୁଖ୍ୟ କୃଷି ଅଧିକାରୀଙ୍କର ନିକଟରେ ସବିଶେଷ ତଥ୍ୟ ନ ଥିଲା। ପାଣି ପାଇଁ ପାଇପ୍ ବିଛା କାମ ଚାଲିଛି। ଏହାପରେ ଠିକାଦାର ତାହାକୁ ମରାମତି କରୁ ନ ଥିବାରୁ ଦୁର୍ଘଟଣା ଘଟୁଛି। ଏନେଇ ଗ୍ରାମ୍ୟ ନିର୍ମାଣ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ବିନା ଦସ୍ତଖତରେ ଠିକାଦାରଙ୍କ ବିଲ ନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତରା, ଉପାଧ୍ୟକ୍ଷା ନିବେଦିତା ମହାନ୍ତି , ଜିଲାପାଳ ଡ.ଅଜିତ କୁମାର ମିଶ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ, ଉପଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲାସ୍ତରୀୟ ଅଧିକାରୀ, ଦିଶା କମିଟି ସଭ୍ୟସଭ୍ୟା, ବ୍ଲକ ଅଧକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁଲାବ କ୍ଷତିଗ୍ରସ୍ତଙ୍କ ନିକଟରେ ପହଞ୍ଚିଲା ଆନ୍ଧ୍ର ପୋଲିସ

## ତଥ୍ୟ ସଂଗ୍ରହ କରି ସାଲୁର ତହସିଲଦାରଙ୍କୁ ଦେଲା ରିପୋର୍ଟ



ଆନ୍ଧ୍ର ପୋଲିସ ନେରେଡିବାଲସାରେ କ୍ଷୟକ୍ଷତି ସମ୍ପର୍କରେ କ୍ଷତିଗ୍ରସ୍ତଙ୍କୁ ପଚାରି ବୁଝୁଛନ୍ତି।

**ପଟ୍ଟାଙ୍ଗୀ, ୨୯।୯(ଡି.ଏନ୍.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ତଥା ଆନ୍ଧ୍ର ରାଜ୍ୟ ସୀମାକୁ ଲାଗି ରହିଥିବା କୋଟିଆ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବାତ୍ୟା ଗୁଲାବ ପ୍ରଭାବରେ ବ୍ୟାପକ କ୍ଷତି ହୋଇଛି। କ୍ଷତିଗ୍ରସ୍ତଙ୍କ ନିକଟରେ ଆନ୍ଧ୍ର ପୋଲିସ ପହଞ୍ଚିଛି। ସେମାନେ କ୍ଷୟକ୍ଷତିର ଆକଳନ କରି ଏକ ରିପୋର୍ଟ ସାଲୁର ତହସିଲଦାରଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ସୂଚନାନୁଯାୟୀ କୋଟିଆ ପଞ୍ଚାୟତ ପାଇଁ ଆନ୍ଧ୍ର ସରକାରଙ୍କ ପକ୍ଷରୁ ନିଯୁକ୍ତି ପାଇଥିବା ପୋଲିସ ରୋହୀନି ପାଥି ଏବଂ ଅନ୍ୟ କର୍ମଚାରୀ ନେରିଡିବାଲସା, ତାଡିବାଲସା, ଆରଜୁବାଲସା, ଉପରସେମ୍ଳି, ତଳସେମ୍ଳି ଗ୍ରାମରେ ପହଞ୍ଚି ଥିଲେ। ସେମାନେ ବାତ୍ୟାରେ ଭାଙ୍ଗି ଯାଇଥିବା ଘର ଏବଂ ନଷ୍ଟ ହୋଇ ଯାଇଥିବା ଫସଲ ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରି ତଥ୍ୟ ସଂଗ୍ରହ କରି ଏକ ରିପୋର୍ଟ ସାଲୁର ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। କ୍ଷତିଗ୍ରସ୍ତଙ୍କୁ ଆନ୍ଧ୍ର ସରକାରଙ୍କ ପକ୍ଷରୁ ସମସ୍ତ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇ ଫେରିଥିବା ଜଣାପଡିଛି। କୋରାପୁଟ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ପଟ୍ଟାଙ୍ଗୀ ବ୍ଲକ ଏବଂ ତହସିଲ କର୍ମଚାରୀ ପହଞ୍ଚି ମଧ ଘଟଣାସ୍ଥଳରେ କ୍ଷୟକ୍ଷତି ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି।

# ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା, କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନି

**କାଶୀନଗର,୨୯।୯(ଡି.ଏନ.ଏ.)**

ଗଜପତି ଜିଲା କାଶୀନଗର ଭେଙ୍କେଟେଶ୍ୱର ମନ୍ଦିରଠାରୁ ଷ୍ଟେଟବ୍ୟାଙ୍କ ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତୀକରଣ କରିବା ପାଇଁ ଖୋଳି ଦେଲେ। ଏହି ରାସ୍ତାରେ ଲୋକମାନେ ଯିବାବେଳେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବା ସହ ଦୁର୍ଘଟଣା ହେଉଥିବା ଅଭିଯୋଗ ହୋଇଛି। ଗତ ଏକ ମାସ ହେଲା ଏହି ମୁଖ୍ୟ ରାସ୍ତା ଖୋଳି ମେଟାଲ ବାହାର କରି ଦିଆଯାଇଛି। ଏପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇନାହିଁ। ବର୍ଷା ଦିନରେ



ବିପର୍ଯ୍ୟସ୍ତ ରାସ୍ତା ।

ପିଚୁ ରାସ୍ତା ନିର୍ମାଣ କରିବାକୁ ନିୟମ ନ ଥିଲେ ମଧ କିଭଳି ବିଭାଗ ଅନୁମତି ଦେଲା ତାହା ବିଚାର୍ଯ୍ୟର ବିଷୟ। ପୁଣି ଗୁଲାବ ବାତ୍ୟା ଫଳରେ ଏକ ଫୁଟ ଉଚ୍ଚର ପାଣି ଜମି ଏକ ପୋଖୋରିର ଭ୍ରମ ସୃଷ୍ଟି କରୁଥିଲା। ଏନେଇ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସେହି ରାସ୍ତା ଦେଇ ଗାଡିଗୁଡିକ ଯିବା ବେଳେ ରାସ୍ତାର ଉଠିଯାଇଥିବା ମେଟାଲ ଗୁଡିକ ଚଳପ୍ରଚଳ କରୁଥିବା ଲୋକଙ୍କୁ ବାଜୁଛି ଓ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି।

# ମିଳିଲା ସହାୟତା, କଲେଜରେ ନାମ ଲେଖାଇଲେ ଦିବ୍ୟାଙ୍ଗ ଛାତ୍ରୀ

**ଗୋପାଳପୁର ୨୯।୯(ଡି.ଏନ୍.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକ ଚିକରଡ଼ା ଗ୍ରାମର ରିଙ୍କି ବେହେରା ଜଣେ ଭିନ୍ନକ୍ଷମ ଛାତ୍ରୀ। ଆର୍ଥିକ ଅନଟନ ମଧ୍ୟରେ ଥିବା ଏହି ଛାତ୍ରୀ ଜଣକ ଉଚ୍ଚଶିକ୍ଷାରୁ ବଞ୍ଚିତ ଥିଲେ। ଶିକ୍ଷା ବିଭାଗର ସହାୟତା ପରେ ବୁଧବାର ସେ କଲେଜରେ ନାମ ଲେଖାଇଛନ୍ତି । ରିଙ୍କି ଚଳତବର୍ଷ ମାଟ୍ରିକ ପାସ୍ କରିଥିଲେ। ଗତ ଦେଢ଼ବର୍ଷ ତଳେ କ୍ୟାନସରରେ ପୀଡ଼ିତ ତାଙ୍କ ବାପାଙ୍କ ମୃତ୍ୟୁ ଘଟିଥିଲା। ମା' କୁନ୍ତଳା ବେହେରା ପରିବା ବିକି ପରିବାର ଚଳାଇ ଆସୁଥିଲେ। ରିଙ୍କି ଯୁକ୍ତ ୨ କଳା ପଢ଼ିବାକୁ ଆବେଦନ କରିଥିଲେ ଓ ମେଧା ତାଲିକାରେ ତାଙ୍କ ନାମ ପ୍ରକାଶ ପାଇଥିଲା। ହେଲେ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସେ ନାମ ଲେଖାରୁ ବଞ୍ଚିତ ହୋଇଥିଲେ। ଏନେଇ ରଙ୍ଗେଇଲୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଆର.ପି ସୂର୍ଯ୍ୟ ନାରାୟଣ ମହାନ୍ତି ମଙ୍ଗଳବାର ସନ୍ଧ୍ୟାରେ ଜାଣି ଗୋଷ୍ଠୀ ଶିକ୍ଷାଧିକାରୀ ଡ଼.ପ୍ରଭାତୀ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି।

# ବରିଷ୍ଠତା ଭିତ୍ତିରେ ଶିକ୍ଷକଙ୍କ ପଦୋନ୍ନତି ଦାବି

## ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଶିକ୍ଷକ

**ଗୁଣପୁର,୨୯।୯(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ଶିକ୍ଷା ବିଭାଗରେ ବରିଷ୍ଠତା ଭିତ୍ତିରେ ଶିକ୍ଷକଙ୍କ ପଦୋନ୍ନତି ଦାବିରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବୁଧବାର ଶିକ୍ଷକମାନେ ବିଇଓ ଅନ୍ତର୍ଯାମୀ ବେହେରାଙ୍କ ସହ ଏ ନେଇ ଆଲୋଚନା କରିଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିଲା। ଫଳରେ ଶିକ୍ଷକମାନେ ଗୁଣପୁର ଉପଜିଲାପାଳ ଜେ.ସୋନାଲଙ୍କୁ ଭେଟି ସମସ୍ୟା ତଥା ଦାବି ବିଷୟରେ ଅବଗତ କରିଥିଲେ। ଉପଜିଲାପାଳ ଏ ନେଇ ଅବଗତ ହେବା ପରେ ଡିଇଓଙ୍କୁ ଘଟଣା ବିଷୟରେ ଜଣାଇବେ ବୋଲି କହିଥିବା ଶିକ୍ଷକମାନେ ପ୍ରକାଶ କରିଛନ୍ତି। ଗୁଣପୁର ବ୍ଲକରେ ଥିବା ୫(ଖ) ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପଦୋନ୍ନତି ଓ ନିଯୁକ୍ତି ବରିଷ୍ଠତା ଭିତ୍ତିରେ କାଉନସେଲିଂ କରି ପ୍ରଦାନ କରାଯାଉ ବୋଲି ଶିକ୍ଷକମାନେ ଦାବି କରିଛନ୍ତି। ଏହାଦ୍ୱାରା ଶିକ୍ଷୟିତ୍ରୀ ଶିକ୍ଷକମାନେ ନ୍ୟାୟ ପାଇବା ସହ ସ୍ୱଚ୍ଛତା ରହିବ। ହେଲେ ଗୁଣପୁର ବ୍ଲକ ଶିକ୍ଷା ବିଭାଗରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ସରକାରଙ୍କ ନିର୍ଦ୍ଦେଶ ପାଳନ କରୁନାହିଁ। ଜିଲାରେ ଅନ୍ୟ ବ୍ଲକରେ ଗୋଟିଏ ନୀତି ଏବଂ ଗୁଣପୁର ବ୍ଲକରେ ଅନ୍ୟ ପ୍ରକାର ବୋଲି ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା ହେଲା, ମଞ୍ଜୁରପ୍ରାପ୍ତ ୫୫ ପଦରେ ଭିନ୍ନକ୍ଷମ, ବିଧବା, ମହିଳା ଓ ପୁରୁଷ ଶିକ୍ଷକଙ୍କୁ ଏହିକ୍ରମରେ ଅଗ୍ରାଧିକାର ଭିତ୍ତିରେ ପଦୋନ୍ନତି ଦିଆଯାଉ। ୮୮ ଜଣଙ୍କୁ ପଦୋନ୍ନତି ଦିଆଯିବା ଦ୍ୱାରା ବରିଷ୍ଠ ଶିକ୍ଷକମାନେ ଗୁଣପୁର ବ୍ଲକରେ ପଦୋନ୍ନତି ପାଇବାରୁ ବଞ୍ଚିତ ହେବେ। ୧୯୯୭ର ଶିକ୍ଷକମାନେ କୌଣସି ଆର୍ଥିକ ପ୍ରୋତ୍ସାହନ ନ ପାଇବା ସତ୍ତ୍ୱେ ଅନ୍ୟ ବ୍ଲକକୁ ସ୍ଥାନାନ୍ତର ହେବେ। ଅନ୍ୟପକ୍ଷରେ ୨୦୧୫ରେ ନିଯୁକ୍ତି ପାଇଥିବା ଏବଂ ଆର୍ଥିକ ଲାଭ ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ଗୁଣପୁର ବ୍ଲକରେ ପଦୋନ୍ନତି ପାଉଛନ୍ତି। ଏହାଦ୍ୱାରା ବରିଷ୍ଠତା ଭିତ୍ତିରେ ଗ୍ରେଡେଶନ ତାଲିକା ଏକ ପ୍ରହସନରେ ପରିଣତ ହେବ ବୋଲି ଅଭିଯୋଗ ହୋଇଛି। ଏପରି କରାଗଲେ ବରିଷ୍ଠ ଶିକ୍ଷକମାନଙ୍କ ପ୍ରତି ଅନ୍ୟାୟ ହେବ। ତେଣୁ ବରିଷ୍ଠ ଶିକ୍ଷକମାନଙ୍କୁ ବରିଷ୍ଠତା ଆଧାରରେ ମଞ୍ଜୁରପ୍ରାପ୍ତ ୫୫ ପଦ ମଧ୍ୟରେ ସ୍ଥାନିତ କରାଗଲେ ସ୍ୱଚ୍ଛତା ଆସିବା ସହ ସେମାନଙ୍କୁ ନ୍ୟାୟ ମିଳିବ ବୋଲି ମତ ପୋଷଣ କରିଛନ୍ତି।

# ବିଦ୍ୟୁତ କର୍ମଚାରୀଙ୍କୁ ସୁରକ୍ଷା ତାଲିମ

**ଖଜୁରିପଡ଼ା,୨୯।୯(ଡି.ଏନ.ଏ.)**

ଖଜୁରିପଡ଼ା ବ୍ଲକରେ ବିଦ୍ୟୁତ ବିଭାଗ ପକ୍ଷରୁ ବିଦ୍ୟୁତ କର୍ମଚାରୀଙ୍କ ଦିନିକିଆ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩ ଡିଭିଜନ ଭଞ୍ଜନଗର, ବୌଦ୍ଧ ଓ ଫୁଲବାଣୀ ମୁଖ୍ୟ ଅଧିକାରୀ ବିଭୂତି ଭୂଷଣ ପାହାଡ଼ସିଙ୍ଗ ଯୋଗଦେଇ ଶିବିର ଉଦଘାଟନ କରିବା ସହ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ୧୮ କର୍ମଚାରୀଙ୍କୁ ବିଦ୍ୟୁତ କାମ କଲାବେଳେ ଓ ଖୁଣ୍ଟ ଚଢ଼ିଲା ବେଳେ କିଭଳି ସୁରକ୍ଷିତ ରହିବେ ସେ ଉପରେ ତାଲିମ ପ୍ରଦାନ କରିଥିଲେ।

# ଦୃଷ୍ଟିବାଧିତଙ୍କ ଉଚ୍ଚଶିକ୍ଷାରେ ଅର୍ଥ ବାଧକ



**ଧରାକୋଟ,୨୯।୯(ଡି.ଏନ୍.ଏ.)**

ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତ ରେ ସାମିଲ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଏପରିକି ସେମାନଙ୍କ ପାଇଁ ସରଂକ୍ଷଣ ବ୍ୟବସ୍ଥା ମଧ ହୋଇଛି। ହେଲେ ଧରାକୋଟ ବ୍ଲକ ରୁଗୁମୁ ପଞ୍ଚାୟତ ରୁଗୁମ ନୂଆସାହିର ଜଣେ ଦୃଷ୍ଟିବାଧିତ ଛାତ୍ର ଉଚ୍ଚଶିକ୍ଷା ପାଇଁ ଆଗ୍ରହ ରଖିଥିଲେ ମଧ ସରକାରୀ ସହାୟତା ପାଇପାରୁ ନ ଥିବା ଦେଖାଯାଇଛି। ଛାତ୍ର ଜଣକ ହେଲେ ଲିଲୁ ସ୍ୱାଇଁ। ସେ ଜନ୍ମରୁ ଦୃଷ୍ଟିଶକ୍ତି ହରାଇଛନ୍ତି। ଦିନ ମଜୁରିଆ ପରିବାରରେ ଜନ୍ମିତ ଲିଲୁ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ବ୍ରହ୍ମପୁରସ୍ଥିତ ଆମ୍ବପୁଆ ରେଡକ୍ରସ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରାବାସରେ ରହି ପଢ଼ିଲେ। ବର୍ତ୍ତମାନ ସେ କଟକରେ ଭଡ଼ା ଘରେ ରହି ରେଭେନ୍ସା ଉଚ୍ଚ ସେକେଣ୍ଡରୀ ସ୍କୁଲରେ ପାଠ ପଢୁଛନ୍ତି। ହଷ୍ଟେଲରେ ରହି ପଢ଼ିବା ପାଇଁ ବିଶ୍ୱ ବିଦ୍ୟାଳୟକୁ ଆବେଦନ କରିଥିଲେ ମଧ କେହି ଶୁଣୁନାହାନ୍ତି। ତେଣୁ ଯୁକ୍ତ ୩ରେ ପଢ଼ିବା ପାଇଁ ଅର୍ଥ ବାଧକ ସାଜିଛି। ସହାୟତା କହିଲେ ମାସିକ ସରକାରୀ ୭୦୦ ଟଙ୍କା ମିଳୁଛି। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ୫୦୦୦ ଟଙ୍କା ସାହାଯ୍ୟ ଦେଇଥିବା ବେଳେ ସରକାରୀ ସାହାଯ୍ୟ ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି। ଏପଟେ ଗାଁରେ ଦିନ ମଜୁରିଆ ବାପା ଶିବରାମ ସ୍ୱାଇଁ ଓ ମା ରୁପୁଲତା ସ୍ୱାଇଁ ଦିନେ ଖାଇଲେ ଦିନେ ଉପବାସରେ ରହୁଥିବାରୁ ପୁଅ ପାଠ ପଢ଼ାରେ ଆଗକୁ ଡୋରି ବନ୍ଧା ହେବ ବୋଲି ପ୍ରକାଶ କରିଛନ୍ତି। ସରକାର ଏହା ଉପରେ ଦୃଷ୍ଟି ଦେବାକୁ ଦାବି ହେଉଛି।

# ନଦୀ ବାଲିଘାଟ ଲିଜ୍ ନେଇ ପ୍ରଶାସନର ବୈଠକ

**ପୁରୁଷୋତ୍ତମପୁର,୨୯।୯(ଡି.ଏନ.ଏ.)**

ପୁରୁଷୋତ୍ତମପୁର ତହସିଲ ଭୀମପୁର ଗ୍ରାମରେ ଥିବା ଋଷିକୁଲ୍ୟା ନଦୀର ବାଲିଘାଟ ନିଲାମକୁ ଗ୍ରାମବାସୀ ବିରୋଧ କରିଛନ୍ତି। ୨୦୧୩ରେ ବାଲିଘାଟ ନିଲାମକୁ କେନ୍ଦ୍ର କରି ଗ୍ରାମବାସୀ ଓ ପ୍ରଶାସନ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେବେଠାରୁ ଏହି ବାଲିଘାଟ ବନ୍ଦ ରହିଛି। ବାଲିଘାଟ ବନ୍ଦ ଯୋଗୁ ଜନସାଧାରଣଙ୍କ ଗୃହ ନିର୍ମାଣରେ ଅସୁବିଧା ହେଉଥିବା ସହ ସରକାରଙ୍କ ରାଜସ୍ୱରେ ମଧ କ୍ଷତି ଘଟୁଥିବା କାରଣରୁ ଏହି ବାଲିଘାଟକୁ ପୁନଃକ୍ଷମ କରିବା ଲାଗି ତହସିଲଦାର ନିତିଶ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଭୀମପୁର ଠାରେ ବୁଧବାର ଆୟୋଜିତ ହୋଇଥିଲା। ଏଥିରେ ତହସିଲଦାର ତ୍ରିପାଠୀଙ୍କ ସମେତ ଅତିରିକ୍ତ ତହସିଲଦାର ସୁନିଲ୍ କୁମାର ଗୁଡ୍ଡୁ, ପୋଲିସ ଏସଆଇ ଶ୍ରୀନିବାସ ଦାଶ, ଅଗ୍ନିଶମ ବିଭାଗୀୟ ଅଧିକାରୀ ଉମାଚରଣ ଭଟ୍ଟମିଶ୍ର, ଇରିଗେସନର ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ସରପଞ୍ଚ ନାରାୟଣ ପାଣିଗ୍ରାହୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲିଙ୍ଗରାଜ ସାହୁ, ପୂର୍ବତନ ସରପଞ୍ଚ ସୀତାରାମ ପାଣିଗ୍ରାହୀଙ୍କ ସମେତ ଗ୍ରାମବାସୀ ଆଲୋଚନା କରିଥିଲେ। ଗ୍ରାମବାସୀ ଅଭିଯୋଗ କରିଥିଲେ ଯେ ନଦୀ ନିକଟରେ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର, ମନ୍ଦିର ମାନ ରହିଛି। ଅପରପକ୍ଷରେ ନଦୀରେ ପାଣି ଆସିଲେ ଗ୍ରାମକୁ ପାଣି ପଶିବାର ଭୟ ରହିଛି। ଏଣୁ ଏହି ବାଲିଘାଟକୁ ବନ୍ଦ କରିବା ଲାଗି କହିଥିଲେ। ମାତ୍ର ତହସିଲଦାର ଓ ପ୍ରଶାସନ ବହୁ ବୁଝାଶୁଝା କରିଥିଲେ ମଧ ଗ୍ରାମବାସୀ ରାଜି ହୋଇ ନ ଥିଲେ।



ବୈଠକରେ ପ୍ରଶାସନିକ ଅଧିକାରୀ ଓ ଜନ ପ୍ରତିନିଧି ଆଲୋଚନା କରୁଛନ୍ତି।

# ମାତୃ, ଶିଶୁ ମୃତ୍ୟୁହାର ରୋକିବା ଲକ୍ଷ୍ୟ

**ବ୍ରହ୍ମପୁର ଅଫିସ,୨୯।୯**

ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ପ୍ରଜ୍ଞାନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ନିରାପଦ ଗର୍ଭପାତ ଓ ପରବର୍ତ୍ତୀ ଯତ୍ନ ଦିବସ ପାଳିତ ହୋଇଯାଇଛି। ଏହା ଜିଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ଆୟୋଜନ କରାଯାଇଥିଲା। ଏଥିରେ ଅଙ୍ଗନୱାଡି, ଆଶା କର୍ମୀମାନେ ଯୋଗ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) ଡା. ସନ୍ତୋଷ କୁମାର ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। ଜଣେ ଦକ୍ଷ ସ୍ତ୍ରୀ ଓ ପ୍ରସୂତି ଡାକ୍ତରଙ୍କ ମାଧମରେ ନିରାପଦ ଗର୍ଭପାତ ଦ୍ୱାରା ମା' ଓ ଶିଶୁର ଜୀବନ ରକ୍ଷା କରାଯାଇପାରିବ। ଏଣୁ ତୃଣମୂଳ ସ୍ତରରେ କାମ କରୁଥିବା ଅଙ୍ଗନୱାଡି ଓ ଆଶା କର୍ମୀମାନେ ମହିଳାମାନଙ୍କୁ ଏଦିଗରେ ଅଧିକରୁ ଅଧିକ ସଚେତନ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସେହିପରି ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଆର.ଜଗଦୀଶ ପଟ୍ଟନାୟକ କହିଥିଲେ, ଆଶା ଓ ଅଙ୍ଗନୱାଡି କର୍ମୀମାନେ ଗ୍ରାମାଞ୍ଚଳରେ ମହିଳାମାନଙ୍କୁ ନିରାପଦ ଗର୍ଭପାତ ପାଇଁ ଆଇନଗତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ସ୍ୱୀକୃତି ସ୍ଥାନ ମାନଙ୍କରେ କରାଇବାକୁ ପରାମର୍ଶ ଦେଇଥିଲେ। ସେହିପରି ସିଟି ହସ୍ପିଟାଲ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା.ଗୀତାଞ୍ଜଳି ଦାସ କହିଥିଲେ, ୨୦୧୨ ଜନଗଣନା ଅନୁସାରେ ମାତୃ ମୃତ୍ୟୁହାରର ଶତକଡା ୮ ପ୍ରତିଶତ ମାତୃ ମୃତ୍ୟୁ କେବଳ ବେଆଇନ ଭାବେ ହେଉଥିବା ଗର୍ଭପାତ ଯୋଗୁ ହୋଇଥାଏ। ଏଣୁ ମାତୃ ମୃତ୍ୟୁହାର ରୋକିବା ପାଇଁ ହେଲେ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହସ୍ପିଟାଲ ଓ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା

## ନିରାପଦ ଗର୍ଭପାତ, ଯତ୍ନ ଦିବସ ପାଳିତ

ଗର୍ଭପାତ କରାଇବା ଉଚିତ। ଗର୍ଭାବସ୍ଥା ସମୟରେ ବିଭିନ୍ନ ପ୍ରକାର ପରୀକ୍ଷା ଦ୍ୱାରା ଯଦି ମା'ର ଜୀବନ ପ୍ରତି ବିପଦ ରହିଛି କିମ୍ବା ଗର୍ଭରେ ଥିବା ଶିଶୁର ଗଠନ ପ୍ରକ୍ରିୟାରେ କୌଣସି ସମସ୍ୟା ଥିଲେ କିମ୍ବା ଗର୍ଭ ନିରୋଧ ପଦ୍ଧତିରେ ତ୍ରୁଟି ରହିଲେ ନିରାପଦ ଗର୍ଭପାତର ଆବଶ୍ୟକ ରହିଛି ବୋଲି ସେ କହିଥିଲେ।

ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର/କଲ୍ୟାଣ) ଡା. ଭି.ସରୋଜିନୀ ଦେବୀ, ସିଟି ହସ୍ପିଟାଲ ଅଧୀକ୍ଷକ ଡା.ବିଶ୍ୱମ୍ବର ବେହେରା, ସିଟି ହସ୍ପିଟାଲ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଶର୍ମିଷ୍ଠା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହାକୁ ଜିଲା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂଯୋଜକ ଶକ୍ତି ଦିଗାଲ ପରିଚାଳନା କରିଥିଲେ।

